# ମାଧ୍ୟମିକ ବୀଜଗଣିତ ଓ ଜ୍ୟାମିତି

## ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ

**ଦଶମ ଶ୍ରେଣୀ**



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

# ମାଧ୍ୟମିକ ବୀଜଗଣିତ ଓ ଜ୍ୟାମିତି

## ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ

## ଦଶମ ଶ୍ରେଣୀ


ଲେଖକ

**ଡକ୍ଟର ଦୀପକ କୁମାର ରାମ**

ଅବସରପ୍ରାପ୍ତ ଗଣିତ ପ୍ରାଧ୍ୟାପକ



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର

ପ୍ରସ୍ତୁତି

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ

ଭୁବନେଶ୍ୱର - ୭୫୧୦୦୩

୨୦୨୧

# ଅଗ୍ରଲେଖ

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ "ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ" ଦ୍ୱାରା ପ୍ରଣୀତ ପାଠ୍ୟ ଖସଡ଼ା ପ୍ରଚଳିତ ହୋଇଥାଏ । ଏହି ପାଠ୍ୟ ଖସଡ଼ା ଆଧାରରେ ଆମ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହୋଇଥାନ୍ତି । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଚଳିତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀର ଗଣିତ, ଜୀବ ବିଜ୍ଞାନ, ଭୌତିକ ବିଜ୍ଞାନ, ଇଂରାଜୀ, ଭୂଗୋଳ, ଇତିହାସ ଓ ଓଡ଼ିଆ ପାଠ୍ୟ ଖସଡ଼ା (Syllabus)ରେ କିଛି ପରିବର୍ତ୍ତନ କରିଛନ୍ତି । ସାଂପ୍ରତିକ ପରିସ୍ଥିତିରେ କରୋନା ମହାମାରୀ ସଙ୍କଟ, ତତ୍‌ସହିତ ସିଲାବସ୍ ଓ ନୂତନ ପରୀକ୍ଷା ପଦ୍ଧତି ଆମ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆହ୍ୱାନ ରୂପେ ଉଭାହୋଇଛି । ଏହାର ସଫଳ ମୁକାବିଲା କରି ଆମ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ କିପରି ନୂତନ ପରୀକ୍ଷା ପଦ୍ଧତି ଅନୁଯାୟୀ ପ୍ରସ୍ତୁତି ସହ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେବେ, ସେଥିପାଇଁ ବିଭାଗ ତରଫରୁ ସିଲାବସ୍ ଆଧାରିତ ଉପରୋକ୍ତ ବିଷୟଗୁଡ଼ିକର ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ ସବୁ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

ସାରା ବିଶ୍ୱ ଏବେ କରୋନା ମହାମାରୀ ସଂକ୍ରମଣ ଦ୍ୱାରା ପ୍ରଭାବିତ ହୋଇଆସୁଅଛି । ଏହି ସଙ୍କଟ ଯୋଗୁଁ ଆମ ଓଡ଼ିଶାର ବିଦ୍ୟାଳୟ ସବୁ ଗତ ବର୍ଷ ମାର୍ଚ୍ଚ ମାସରୁ ବନ୍ଦ ଥିଲା ଓ ଏବେ ଦୁଇ ତିନି ମାସ ହେବ ଖୋଲାଯାଇ ସ୍କୁଲ୍‌ରେ ପାଠପଢ଼ା ହେଉଛି । ଛାତ୍ରଛାତ୍ରୀଙ୍କର ଶିକ୍ଷାଦାନ ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଅଛି । ବିଭିନ୍ନ ବିକଳ୍ପ ଉପାୟ ଅବଲମ୍ବନ ଦ୍ୱାରା ବିଭାଗ ତରଫରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ଆଗେଇ ନେବାପାଇଁ ପ୍ରକ୍ରିୟା ନିରନ୍ତର ଜାରି ରହିଛି । ଦଶମ ବୋର୍ଡ ପରୀକ୍ଷା ପ୍ରସ୍ତୁତି ନିମିତ୍ତ ବଜାରରେ ମିଳୁଥିବା ଟେଷ୍ଟପେପର ଇତ୍ୟାଦିର ଉପଲବ୍ଧତା ଦୂରଦୂରାନ୍ତରେ ରହୁଥିବା ଆମ ଛାତ୍ରଛାତ୍ରୀଙ୍କ ପାଇଁ ସହଜନୁହେଁ । ତେଣୁ ସେମାନଙ୍କ ବୋର୍ଡ ପରୀକ୍ଷା ପ୍ରସ୍ତୁତି କିପରି ଫଳପ୍ରଦ ହେବ, ସେଥିପାଇଁ ଗଣିତ, ଜୀବବିଜ୍ଞାନ, ଭୌତିକ ବିଜ୍ଞାନ, ଇଂରାଜୀ, ଭୂଗୋଳ, ଇତିହାସ ଓ ଓଡ଼ିଆ ବିଷୟଗୁଡ଼ିକର ସାତଗୋଟି ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ ବିଭାଗ ତରଫରୁ ପ୍ରକାଶିତ ହୋଇ ସେମାନଙ୍କୁ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଉଛି । ଏହି ପୁସ୍ତକସବୁ ଆମ ବିଭାଗର ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ହେବ ।

ଆଶା କରୁଛି, ଏହି ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକସବୁ ସେମାନଙ୍କୁ ପାଠ୍ୟ ବିଷୟବସ୍ତୁ ଉତ୍ତମ ରୂପେ ବୁଝିବା ସହ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପ୍ରସ୍ତୁତିରେ ବିଶେଷ ସହାୟକ ହେବ ।

**ରଞ୍ଜନା ଚୋପ୍ରା,** ଆଇ.ଏ.ଏସ୍.
ପ୍ରମୁଖ ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

# ମୁଖବନ୍ଧ

ଓଡ଼ିଶା ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ପାଠ୍ୟଖସଡ଼ା 'ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ' ଦ୍ୱାରା ପରିଚାଳିତ ହୋଇଥାଏ । ଏହି ବିଦ୍ୟାଳୟଗୁଡ଼ିକର ଶିକ୍ଷାର୍ଥୀଗଣଙ୍କ ମେଧାକୁ ପ୍ରସାରିତ କରିବା ସକାଶେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (SCSTRTI) ଲଗାତର ବିଭିନ୍ନ ପ୍ରକାରର ଶୈକ୍ଷିକ କାର୍ଯ୍ୟକ୍ରମ ପରିଚାଳନା କରିଥାନ୍ତି । ସେହି ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ପାଠ୍ୟବହିର ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ ପ୍ରକାଶନ ଏକ ପ୍ରମୁଖ କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ୨୦୨୧-୨୨ ଶିକ୍ଷାବର୍ଷର ଦଶମ ଶ୍ରେଣୀ ପାଇଁ ବୀଜଗଣିତ ଓ ଜ୍ୟାମିତି, ଜୀବ ବିଜ୍ଞାନ, ଭୌତିକ ବିଜ୍ଞାନ, ଇଂରାଜୀ, ଭୂଗୋଳ ଓ ଅର୍ଥନୀତି, ଇତିହାସି ଓ ରାଜନୀତି ବିଜ୍ଞାନ ଏବଂ ଓଡ଼ିଆ ବିଷୟର ସହାୟକ ପୁସ୍ତକ ପ୍ରକାଶିତ ହୋଇଛି ।

ଏବେ କେବଳ ଦଶମ ଶ୍ରେଣୀର ପାଠ୍ୟ ଆଧାରରେ ବାର୍ଷିକ ବୋର୍ଡ ପରୀକ୍ଷାର ପ୍ରଶ୍ନ ପ୍ରସ୍ତୁତ ହେଉଛି । ତେଣୁ ଚିରାଚରିତ ଭାବରେ ବୋର୍ଡ଼ ପରୀକ୍ଷାକୁ ଆଖିଆଗରେ ରଖି ସାଧାରଣ ବିଦ୍ୟାଳୟର ଶିକ୍ଷାର୍ଥୀଗଣ ବଜାରରେ ଉପଲବ୍ଧ ଟେଷ୍ଟପେପର ଇତ୍ୟାଦି ସହାୟକ ପୁସ୍ତକ ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି । ମାତ୍ର ଆମର ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ପରୀକ୍ଷାର୍ଥୀମାନେ କେବଳ ପାଠ୍ୟବହି ପଢ଼ି ପରୀକ୍ଷାର ସମ୍ମୁଖୀନ ହୁଅନ୍ତି । ଶିକ୍ଷାର୍ଥୀମାନେ ପ୍ରଶ୍ନବହୁଳ ପାଠ୍ୟକୁ ହଜମ କରିବା ପାଇଁ ଏକ ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକର ଆବଶ୍ୟକତାକୁ ଅନୁଭବ କରି ଏହି ସାତଗୋଟି ପ୍ରଶ୍ନୋତ୍ତର ସହ ଅଭ୍ୟାସ ପୁସ୍ତକ ଅଭିଜ୍ଞ ଲେଖକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଅଛି ।

ଏବେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦୁଇଟି ପରୀକ୍ଷା (ସମ୍ମେଟିଭ୍ - ୧ ଓ ୨) ଭାବରେ ହେବାକୁ ଯାଉଛି ଓ ପ୍ରଶ୍ନପତ୍ରର ଢାଞ୍ଚା ନୂତନ ପରୀକ୍ଷା ପଦ୍ଧତି ଅନୁଯାୟୀ ବଦଳି ଯାଇଛି । ପ୍ରଶ୍ନପତ୍ରର ଏହି ନୂତନ ଶୈଳୀଟି ଉକ୍ତ ପୁସ୍ତକରେ ପ୍ରତିଫଳିତ ହୋଇଛି । ପ୍ରତ୍ୟେକ ଅଧ୍ୟାୟରେ ପ୍ରଥମେ ବହୁବିକଳ୍ପ ପ୍ରଶ୍ନୋତ୍ତର, ସଂକ୍ଷିପ୍ତ ପ୍ରଶ୍ନୋତ୍ତର ଓ ଶେଷରେ ଦୀର୍ଘଉତ୍ତରମୂଳକ ପ୍ରଶ୍ନୋତ୍ତର ସନ୍ନିବେଶିତ ହୋଇଛି ।

ଆଶାକରୁଛୁ, ଶିକ୍ଷାର୍ଥୀମାନଙ୍କ ପାଇଁ ଏହି ପୁସ୍ତକ ଉପାଦେୟ ସାବ୍ୟସ୍ତ ହେବ ।

ଅ.ଓତା

**ପ୍ରଫେସର (ଡ.) ଅଖିଳ ବିହାରୀ ଓତା**

ଉପଦେଷ୍ଟା ତଥା ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ

# ବିଷୟ ସୂଚୀ


| ଅଧ୍ୟାୟ | | ବିଷୟ | ପୃଷ୍ଠା |
|---|---|---|---|
| **ବୀଜଗଣିତ** | | | |
| ପ୍ରଥମ ଅଧ୍ୟାୟ | : | ସରଳ ସହସମୀକରଣ | ୦୧-୨୦ |
| ତୃତୀୟ ଅଧ୍ୟାୟ | : | ସମାନ୍ତର ପ୍ରଗତି | ୨୧-୩୦ |
| ଚତୁର୍ଥ ଅଧ୍ୟାୟ | : | ସମ୍ଭାବ୍ୟତା | ୩୧-୪୨ |
| ପଞ୍ଚମ ଅଧ୍ୟାୟ | : | ପରିସଂଖ୍ୟାନ | ୪୩-୫୪ |
| ଷଷ୍ଠ ଅଧ୍ୟାୟ | : | ସ୍ଥାନାଙ୍କ ଜ୍ୟାମିତି | ୫୫-୬୩ |
| ସପ୍ତମ ଅଧ୍ୟାୟ | : | ସଡ଼କ ସୁରକ୍ଷା ଶିକ୍ଷା | ୬୪-୬୯ |
| **ଜ୍ୟାମିତି** | | | |
| ପ୍ରଥମ ଅଧ୍ୟାୟ | : | ଜ୍ୟାମିତିରେ ସାଦୃଶ୍ୟ | ୭୦-୮୨ |
| ଦ୍ୱିତୀୟ ଅଧ୍ୟାୟ | : | ବୃତ୍ତ | ୮୩-୯୪ |
| ତୃତୀୟ ଅଧ୍ୟାୟ | : | ବୃତ୍ତର ସ୍ପର୍ଶକ | ୯୫-୧୦୮ |
| ଚତୁର୍ଥ ଅଧ୍ୟାୟ | : | ତ୍ରିକୋଣମିତି | ୧୦୯-୧୧୭ |
| ପଞ୍ଚମ ଅଧ୍ୟାୟ | : | ପରିମିତି | ୧୧୮-୧୩୨ |
| ଷଷ୍ଠ ଅଧ୍ୟାୟ | : | ଅଙ୍କନ | ୧୩୩-୧୩୭ |


***

# ବୀଜଗଣିତ

## ପ୍ରଥମ ଅଧ୍ୟାୟ

# ସରଳ ସହସମୀକରଣ

**(A) ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।**

1. କେଉଁ ସମୀକରଣଦ୍ୱୟର ସମାଧାନ ସମ୍ଭବ ନୁହେଁ ?
   - (a) $2x+y+8=0, \quad -6x+3y+8=0$
   - (b) $2x+3y+7=0, \ 4x+6y+8=0$
   - (c) $x+y+1=0, \quad 2x+2y+2=0$
   - (d) $2x-3y+1=0, \ 4x+6y+2=0$

2. k ର କେଉଁ ମାନ ପାଇଁ kx+2y-9=0 ସମୀକରଣର ଏକ ସମାଧାନ (1, 1) ହେବ ?
   - (a) 7 (b) 8
   - (c) 6 (d) 5

3. 2x + 9y - 20 =0, 3x + 36y - 80 = 0 ସହ ସମୀକରଣମାନଙ୍କର କେତୋଟି ସମାଧାନ ଅଛି ?
   - (a) 1 (b) 2
   - (c) ଅସଂଖ୍ୟ (d) ସମାଧାନ ନାହିଁ

4. $a'x+b'y+c'=0$ ସମୀକରଣରେ y କୁ x ମାଧ୍ୟମରେ ପ୍ରକାଶ କରିବାର ସର୍ତ୍ତଟି କ'ଣ ?
   - (a) $a' \neq 0$ (b) $a'=0$
   - (c) $b' \neq 0$ (d) $b'=0$

5. ନିମ୍ନଲିଖିତରୁ କେଉଁ ଯୋଡ଼ିଟିକୁ ସମ ସହସମୀକରଣ କୁହାଯାଏ ?
   - (a) $2x+y+6=0$ ଓ $4x+3y+12=0$
   - (b) $3x+8y+7=0$ ଓ $x+7y=0$
   - (c) $9x+7y=18$ ଓ $13x+14y=9$
   - (d) $5x+3y=0$ ଓ $3x+7y=0$

6. k କେଉଁ ମାନ ପାଇଁ $7x-y-5=0$ ଓ $21x-3y-k=0$ ର ଅସଂଖ୍ୟ ସମାଧାନ ଅଛି ?
   - (a) 15 (b) 3
   - (c) 10 (d) 5

7. ଦୁଇଟି ସହ ସମୀକରଣ ସଙ୍ଗତ ଓ ସ୍ୱତନ୍ତ୍ର ହେଲେ ଏହାର ଲେଖଚିତ୍ର ସରଳରେଖାଦ୍ୱୟ କିପରି ହେବ ?
   - (a) ସମାନ୍ତର (b) କହି ହେବ ନାହିଁ
   - (c) ଏକ ଓ ଅଭିନ୍ନ (d) ଏକ ଓ ଅଭିନ୍ନ

8. $kx+my+4=0$ ଓ $3x+2y+2=0$ ସମୀକରଣ ଦ୍ୱୟ ଅସଙ୍ଗତ ହେଲେ, $k:m$ ର ମାନ କେତେ ?
   - (a) 3 : 2 (b) 2 : 3
   - (c) 2 : 1 (d) 1 : 2

9. $2x+3y+1=0$ ଏବଂ $3x+12y+l=0$ ସମୀକରଣ ଦ୍ୱୟ ଦ୍ୱାରା ସୂଚିତ ସରଳରେଖା ଦ୍ୱୟ ଏକ ଓ ଅଭିନ୍ନ ହେବା ପାଇଁ $l$ ର ମାନ କେତେ ?
   - (a) 8 (b) 2
   - (c) 3 (d) 4

10. $3x+6y-12=0$ ସମୀକରଣ ସହ ନିମ୍ନସ୍ଥ କେଉଁ ସମୀକରଣଟିର ଯୋଡ଼ିର ଅନନ୍ୟ ସମାଧାନ ସମ୍ଭବ ?
   - (a) $2x-y+3=0$
   - (b) $x+2y+16=0$
   - (c) $2x+4y-11=0$
   - (d) $x+2y+15=0$

11. ନିମ୍ନସ୍ଥ କେଉଁ ସର୍ତ୍ତରେ, ଦତ୍ତ ସହ-ସମୀକରଣ ଦ୍ୱୟର ଅନନ୍ୟ ସମାଧାନ ରହିବ ?

$r_1x + s_1y = p_1$ ଓ $r_2x + s_2y = p_2$

(a) $r_1r_2 = s_1s_2$ (b) $r_1r_2 \neq s_1s_2$

(c) $r_1s_2 \neq r_2s_1$ (d) $r_1s_2 = r_2s_1$

12. $12x - 3y + 6 = 0$ ସମୀକରଣ ସହ ନିମ୍ନସ୍ଥ କେଉଁ ସମୀକରଟି ନେଲେ ଅସଂଖ୍ୟ ସମାଧାନ ମିଳିବ ?

(a) $3x - 3y + 1 = 0$

(b) $4x - y + 2 = 0$

(c) $4x - y + 6 = 0$

(d) $4x + y - 2 = 0$

13. କେଉଁ ପରିସ୍ଥିତିରେ $ax + by + c = 0$ ଏକ ସରଳ ଏକଘାତୀ ସମୀକରଣର ସାଧାରଣ ରୂପ ହେବନାହିଁ ?

(a) $a = 0, b \neq 0$ (b) $a = 0, b = 0$

(c) $a \neq 0, b = 0$ (d) $a > 0, b < 0$

14. $7x + 8y = 14$ ସମୀକରଣଟିରେ କେଉଁଟି ଧ୍ରୁବକ ?

(a) 7 (b) 8

(c) 14 (d) x

15. ସଙ୍ଗତ ଓ ନିର୍ଭରଶୀଳ ସହ ସମୀକରଣ ଦ୍ୱୟର କେତୋଟି ସମାଧାନ ଅଛି ?

(a) ଗୋଟିଏ (b) ଦୁଇଟି

(c) ଶୂନ (d) ଅସଂଖ୍ୟ

16. $a_1x + b_1y + c_1 = 0$ , $a_2x + b_2y + c_2 = 0$ ର ଏକକ ସମାଧାନ ସମ୍ଭବପର ହେଲେ, x ର ମାନ କାହା ସହିତ ସମାନ ହେବ ?

(a) $\frac{a_1b_2 - a_2b_1}{b_1c_2 - b_2c_1}$ (b) $\frac{c_1a_2 - c_2a_1}{a_1b_2 - a_2b_1}$

(c) $\frac{b_1c_2 - b_2c_1}{a_1b_2 - a_2b_1}$ (d) $\frac{a_1b_2 - a_2b_1}{c_1a_2 - c_2a_1}$

17. କେଉଁ ସହସମୀକରଣ ଦ୍ୱୟର ଅନନ୍ୟ ସମାଧାନଟି (0, 0) ଅଟେ ?

(a) $7x + 3y = 0, 14x + 6y = 0$

(b) $2x + 3y = 0, 5x + 9y = 0$

(c) $2x + 3y = 0, 14x + 21y = 0$

(d) $0.3x + 1.7y = 0, 9x + 5.1y = 0$

18. ଦୁଇଟି କ୍ରମିକ ସଂଖ୍ୟାର ବର୍ଗର ଅନ୍ତରଫଳ 15 ହେଲେ ଲଘୁତ୍ତର ସଂଖ୍ୟାଟି କେତେ ?

(a) 10 (b) 9

(c) 7 (d) 8

19. $mx + 3y + 5 = 0$, $x + 6y + 7 = 0$ ସମାଧାନ ନ ଥିଲେ, m ମାନ କେତେ ହେବ ?

(a) $\frac{1}{2}$ (b) $\frac{3}{2}$

(c) 2 (d) 3

20. $2x + uy = 0$, $4x + 3y = 0$ ସହସମୀକରଣ ଦ୍ୱୟର ଅସଂଖ୍ୟ ସମାଧାନ ଥିଲେ, u ର ମାନ କେତେ ?

(a) $\pm 2$

(b) $\pm\sqrt{5}$

(c) $\pm\sqrt{3}$

(d) $\pm\sqrt{6}$

21. $4x + 5y + 1 = 0$ ଓ $3x - 2y - 5 = 0$ ସହ ସମୀକରଣ ଦ୍ୱୟର ସମାଧାନ $(\alpha, -1)$ ହେଲେ, $\alpha$ ର ମାନ କେତେ ?

(a) 1 (b) 2

(c) -1 (d) 3

22. k ର କେଉଁ ମୂଲ୍ୟ ପାଇଁ $kx + 4y + 3 = 0$ ଓ $4x + ky + 5 = 0$ ସହ ସମୀକରଣ ଦ୍ୱୟର ଅନନ୍ୟ ସମାଧାନ ସମ୍ଭବ ?

(a) 4

(b) - 4

(c) $\pm 4$

(d) $\pm 4$ ଭିନ୍ନ ଅନ୍ୟ ସମସ୍ତ

23. $a'x + b'x + 5 = 0$, $2x + y + 1 = 0$ ସହ ସମୀକରଣ ଦ୍ୱୟ ଅସଙ୍ଗତ ହେଲେ $a' : b'$ କେତେ ?

(a) 2 : 3 (b) 1 : 2

(c) 2 : 1 (d) 3 : 2

24. $ax + 2y = 7$ ଓ $2x + 3y = 8$ ସହ ସମୀକରଣ ଦ୍ୱୟ ସଙ୍ଗତ ଓ ସ୍ୱତନ୍ତ୍ର ହେବା ପାଇଁ a ର ମାନ କାହା ସହିତ ସମାନ ହୋଇପାରିବ ନାହିଁ ?

(a) $\frac{3}{4}$ (b) $\frac{4}{3}$

(c) 0 (d) $\frac{7}{8}$

25. ସହ ସମୀକରଣଦ୍ୱୟର ସମାଧାନ ଲାଗି କେଉଁଟି ବୀଜଗାଣିତିକ ପଦ୍ଧତି ନୁହେଁ ?

(a) ଅପସାରଣ (b) ବଜ୍ରଗୁଣନ

(c) ଲେଖଚିତ୍ର (d) ପ୍ରତିକଳ୍ପନ

26. $x + y + 1 = 0$ ଓ $x - y + 3 = 0$ ସମୀକରଣ ଦ୍ୱୟର ସମାଧାନ କେତେ ?

(a) (-2, -1) (b) (2, 1)

(c) (-2, 1) (d) (1, 2)

27. $3x + y - 4 = 0$ ଓ ସ $x - y = 0$ ମୀକରଣଦ୍ୱୟର ସମାଧାନ କେତେ ?

(a) (-1, -1) (b) (-1, 1)

(c) (1, 1) (d) (1, -1)

28. $a_1x + b_1y = 0$, $a_2x + b_2y = 0$ ସହ ସମୀକରଣ ଦ୍ୱୟ ପାଇଁ କେଉଁଟି ସତ ?

(a) ସମାଧାନ ଅସମ୍ଭବ

(b) ଏକ ସର୍ତ୍ତ ପାଳନରେ ସମାଧାନ ସମ୍ଭବ

(c) ସର୍ବଦା ସମାଧାନ ସମ୍ଭବ

(d) ଏକାଧିକ ସର୍ତ୍ତ ପାଳନରେ ସମାଧାନ ସମ୍ଭବ

29. $a_1x + b_1y + c_1 = 0$, $a_2x + b_2y + c_2 = 0$ ସହ ସମୀକରଣ ଦ୍ୱୟର ସମାଧାନ ପାଇଁ ବଜ୍ରଗୁଣନ ପଦ୍ଧତିର ବ୍ୟବହାର କେଉଁ ସର୍ତ୍ତ ଉପରେ ନିର୍ଭର କରେ ?

(a) $a_1b_2 - a_2b_1 \neq 0$

(b) $a_1b_2 - a_2b_1 = 0$

(c) $c_1a_2 - c_2a_1 \neq 0$

(d) $c_1a_2 - c_2a_1 = 0$

30. ନିମ୍ନ ସମୀକରଣ ଦ୍ୱୟକୁ ବଜ୍ରଗୁଣନ ପ୍ରଣାଳୀରେ ସମାଧାନ କଲେ yର ମାନ କାହା ସଙ୍ଗେ ସମାନ ହେବ ?

$a_1x + b_1y + c_1 = 0, a_2x + b_2y + c_2 = 0$

(a) $\frac{b_1c_2 - b_2c_1}{a_1b_2 - a_2b_1}$

(b) $\frac{c_1a_2 - c_2a_1}{a_1b_2 - a_2b_1}$

(c) $\frac{c_1a_2 - b_1a_2}{a_1b_2 - a_2b_1}$

(d) $\frac{b_2c_1 - c_2b_1}{c_1a_2 - c_2a_1}$

31. $9x + y + 12 = 0$ ଏବଂ $18x + ky + 24 = 0$ ସହ ସମୀକରଣ ଦ୍ୱୟ ସଙ୍ଗତ ଓ ନିର୍ଭରଶୀଳ ହେଲେ k ର ମାନ କେତେ ?

(a) -1 (b) 1

(c) 2 (d) -2

32. $3x+4y=10$ ଓ $2x-3y=3$ ସହ ସମୀକରଣ ଦ୍ୱୟ ପ୍ରତିକଳ୍ପନ ପ୍ରଣାଳୀରେ ସମାଧାନ କରିବା ପାଇଁ ପ୍ରଥମ ସୋପାନ କ'ଣ ?

(a) ପ୍ରଥମ ସମୀକରଣକୁ 2 ଓ ଦ୍ୱିତୀୟକୁ 3 ଦ୍ୱାରା ଗୁଣନ କରିବା

(b) ପ୍ରଥମ ସମୀକରଣ ବ୍ୟବହାର କରି କୌଣସି ଏକ ଅଜ୍ଞାତ ରାଶିକୁ ଅନ୍ୟ ଅଜ୍ଞାତ ରାଶି ମାଧ୍ୟମରେ ପ୍ରକାଶ କରିବା

(c) ଦ୍ୱିତୀୟ ସମୀକରଣ ବ୍ୟବହାର କରି କୌଣସି ଏକ ଅଜ୍ଞାତ ରାଶିକୁ ଅନ୍ୟ ଅଜ୍ଞାତ ରାଶି ମାଧ୍ୟମରେ ପ୍ରକାଶ କରିବା

(d) (a) କିମ୍ବା (b) କରିବା

33. କେଉଁ ସହ ସମୀକରଣ ଦ୍ୱୟର ସମାଧାନ ସମ୍ଭବ ନୁହେଁ ?

(a) $x+y+1=0, x+y+3=0$

(b) $2x+y+8=0, -6x+3y+8=0$

(c) $x+y+1=0, 2x+2y+2=0$

(d) $x+y+1=0, x-y+1=0$

34. $x+y=0$ ଓ $x-y=0$ ସହ ସମୀକରଣ ଦ୍ୱୟର ଲେଖଚିତ୍ର ଅଙ୍କନ କଲେ, ସେମାନେ କେଉଁ ବିନ୍ଦୁରେ ପରସ୍ପରକୁ ଛେଦ କରିବେ ?

(a) (0, 1) (b) (1, 0)

(c) (1, 1) (d) (0, 0)

35. ସହ ସମୀକରଣ $3x-5y-10=0$ ଏବଂ $9x-15y-30=0$ ଦ୍ୱୟର କେତୋଟି ସମାଧାନ ଅଛି ?

(a) 1 (b) 2

(c) ସମାଧାନ ନାହିଁ (d) ଅସଂଖ୍ୟ

36. t ର କେଉଁ ମାନ ପାଇଁ $tx+3y=0$ ଓ $3x+ty=0$ ସହ ସମୀକରଣ ଦ୍ୱୟର ଅସଂଖ୍ୟ ସମାଧାନ ହେବ ?

(a) $\pm\sqrt{3}$ (b) $\pm\frac{1}{3}$

(c) $\pm 3$ (d) $\pm\sqrt{6}$

37. $x+2y-5=0$ ଓ $8x+ky-10=0$ ସହ ସମୀକରଣ ଦ୍ୱୟ ଅସଙ୍ଗତ ହେଲେ, k ର ମାନ କେତେ ?

(a) 16 (b) -16

(c) 6 (d) -6

38. k ର କେଉଁ ମାନ ପାଇଁ $7x-y-5=0$ ଓ $21x-3y-k=0$ ସହ ସମୀକରଣ ଦ୍ୱୟର ଅସଂଖ୍ୟ ସମାଧାନ ହେବ ?

(a) -5 (b) 5

(c) 15 (d) -15

39. k ର କେଉଁ ମାନ ପାଇଁ $x+ky-1=0$ ଓ $x+2y+3=0$ ସହ ସମୀକରଣ ଦ୍ୱୟର ଲେଖଚିତ୍ର ସମାନ୍ତର ସରଳ ରେଖା ହେବ ?

(a) 2 (b) -2

(c) 3 (d) -3

40. ନିମ୍ନସ୍ଥ କେଉଁ ସହ ସମୀକରଣ ଦ୍ୱୟର ଅନନ୍ୟ ସମାଧାନ ସମ୍ଭବ ?

(a) $x+y+1=0, x-y+1=0$

(b) $x+y+1=0, 2x+2y+2=0$

(c) $2x-y+3=0, -6x+3y+5=0$

(d) $2x-y+3=0, -4x+2y-6=0$

41. $2x+y=3$ ଓ $3x-2y=5$ ସହ ସମୀକରଣ ଦ୍ୱୟର ଲେଖଚିତ୍ର କିପରି ହେବ ?

(a) ପରସ୍ପର ଛେଦୀ (b) ପରସ୍ପର ସମାନ୍ତର

(c) ଏକ ଓ ଅଭିନ୍ନ (d) କୁହାଯାଇ ନ ପାରେ

42. t କେଉଁ ମାନ ପାଇଁ $3x+2y-5=0$ ଏବଂ $9x+ky-15=0$ ସହ ସମୀକରଣ ଦ୍ୱାରା ଗଠିତ ସରଳରେଖା ଦ୍ୱୟ ଏକ ଓ ଅଭିନ୍ନ ହେବ ?

(a) 3 (b) 4

(c) 6 (d) 5

43. $x - ty - 5 = 0$ ଓ $x - 2y + 10 = 0$ ସହ ସମୀକରଣ ଦ୍ୱୟ ଦ୍ୱାରା ଗଠିତ ସରଳରେଖା ଦ୍ୱୟ ପରସ୍ପରକୁ ଏକ ବିନ୍ଦୁରେ ଛେଦ କରୁଥିଲେ, t ର ମାନ କେତେ ?

(a) $t \neq 2$ (b) $t \neq 3$

(c) $t \neq \pm 2$ (d) $t \neq -2$

44. $2x - y + 1 = 0$ ସମୀକରଣ ଓ ନିମ୍ନୋକ୍ତ କେଉଁ ସମୀକରଣର ଯୋଡ଼ି ଅସଙ୍ଗତ ?

(a) $4x + 5y + 2 = 0$

(b) $4x - 2y + 3 = 0$

(c) $3x + 2y + 4 = 0$

(d) $4x - 2y + 2 = 0$

45. ନିମ୍ନସ୍ଥ କେଉଁ ସମୀକରଣ ଓ $2x + 4y - 8 = 0$ ସମୀକରଣ ଯୋଡ଼ିର ଅନନ୍ୟ ସମାଧାନ ସମ୍ଭବ ?

(a) $x + 2y - 1 = 0$

(b) $3x + 6y - 12 = 0$

(c) $2x - y + 3 = 0$

(d) $x + 2y - 2 = 0$

46. ଦୁଇ ସହ ସମୀକରଣ ସଙ୍ଗତ ଓ ସ୍ୱତନ୍ତ୍ର ହେଲେ ସେମାନଙ୍କର ଲେଖଚିତ୍ର କିପରି ହେବ ?

(a) ସମାନ୍ତର (b) ସମାପତିତ

(c) ଛେଦୀ (d) କହି ହେବ ନାହିଁ

47. ସଙ୍ଗତ ଓ ନିର୍ଭରଶୀଳ ସହ ସମୀକରଣ ଦ୍ୱୟର ଲେଖଚିତ୍ର କିପରି ହେବ ?

(a) ଏକ ଓ ଅଭିନ୍ନ (b) ସମାନ୍ତର

(c) ଛେଦୀ (d) କହି ହେବ ନାହିଁ

48. ଅସଙ୍ଗତ ସହ ସମୀକରଣ ଦ୍ୱୟ ଲେଖଚିତ୍ର କିପରି ସମ୍ଭବ ?

(a) ସମାପତିତ (b) ଛେଦୀ

(c) ସମାନ୍ତର (d) କହି ହେବ ନାହିଁ

49. କେଉଁ ଅବସ୍ଥାରେ $ax + by + c = 0$ ସମୀକରଣଟି $y = a'x + c'$ ରୂପରେ ପ୍ରକାଶ କରିହେବ ନାହିଁ ?

(a) $a = 0$ (b) $b = 0$

(c) $c = 0$ (d) $b \neq 0$

50. $ax + by + c = 0$ ସମୀକରଣରେ x କୁ y ମାଧ୍ୟମରେ ପ୍ରକାଶ କରିବାର ସର୍ତ୍ତଟି କ'ଣ ?

(a) $a \neq 0$ (b) $b \neq 0$

(c) $a = 0$ (d) $b = 0$

51. $7x - 9y = 25$ ଏବଂ $9x - 7y = 23$ ସହ ସମୀକରଣ ଦ୍ୱୟରୁ $x - y$ ର ମାନ କେତେ ?

(a) 2 (b) -2

(c) 3 (d) -3

52. $7x - 9y = 25$ ଓ $9x - 7y = 23$ ସହ ସମୀକରଣ ଦ୍ୱୟରୁ $x + y$ ର ମାନ କେତେ ?

(a) -1 (b) 1

(c) 2 (d) 3

53. ନିମ୍ନ ସମୀକରଣ ଦ୍ୱୟ ଅସଙ୍ଗତ ହେବା ପାଇଁ ସର୍ତ୍ତଟି କ'ଣ ?

$a_1x + b_1y + c_1 = 0, a_2x + b_2y + c_2 = 0$

(a) $\frac{a_1}{a_2} \neq \frac{b_1}{b_2}$ (b) $\frac{a_1}{a_2} = \frac{b_1}{b_2} = \frac{c_1}{c_2}$

(c) $\frac{a_1}{a_2} = \frac{b_1}{b_2} \neq \frac{c_1}{c_2}$ (d) $\frac{a_1}{a_2} \neq \frac{c_1}{c_2}$

54. $7x - 9y = 25$ ଓ $9x - 7y = 23$ ସହ ସମୀକରଣ ଦ୍ୱୟରୁ $x - y$ ର ମାନ କେତେ ?

(a) 2 (b) -2

(c) 3 (d) -3

55. $93x + 37y = 0$ ଓ $37x + 93y = 0$ ସହ ସମୀକରଣ ଦ୍ୱୟର ଅନନ୍ୟ ସମାଧାନଟି କ'ଣ ?

(a) (93, 37) (b) (37, 93)

(c) (0, 37) (d) (0, 0)

56. $5x + ky + 7 = 0$ ଓ $x + 2y = 3$ ସହ ସମୀକରଣ ଦ୍ୱୟର କୌଣସି ସମାଧାନ ନ ଥିଲେ, k ର ମାନ କେତେ ହେବ ?

(a) 10 (b) -10

(c) 5 (d) -5

57. $2x + y - 3 = 0, x - y = 0$ ସମୀକରଣ ଦ୍ୱୟର ସମାଧାନ କ'ଣ ?

(a) (1, 1) (b) (1, -1)

(c) (-1, 1) (d) (-1, -1)

58. $x + y = 2,\ x - y = 0$ ସହ ସମୀକରଣ ଦ୍ୱୟର ଲେଖ ଦ୍ୱୟର ଛେଦବିନ୍ଦୁର ସ୍ଥାନାଙ୍କ କେତେ ?

(a) (-1, 1) (b) (1, -1)

(c) (1, 1) (d) (-1, -1)

59. $k = -14$ ହେଲେ $2x - y - 5 = 0$ , $6x - 3y + k = 0$ ସହ ସମୀକରଣ ଦ୍ୱୟର କେତୋଟି ସମାଧାନ ହେବ ?

(a) ଅସଂଖ୍ୟ (b) ଗୋଟିଏ

(c) ଦୁଇଟି (d) ଶୂନଟି

60. $ax + by + 5 = 0$ ଓ $2x + y + 1 = 0$ ସହ ସମୀକରଟି ଦ୍ୱୟ ଅସଙ୍ଗତ ହେଲେ a : b କେତେ ହେବ ?

(a) 2 : 3 (b) 1 : 2

(c) 2 : 1 (d) 3 : 2

## ANSWER KEYS

| | | | | | | | |
|---|---|---|---|---|---|---|---|
| 1. | (b) | 16. | (c) | 31. | (c) | 46. | (c) |
| 2. | (a) | 17. | (b) | 32. | (d) | 47. | (a) |
| 3. | (c) | 18. | (c) | 33. | (a) | 48. | (c) |
| 4. | (c) | 19. | (a) | 34. | (d) | 49. | (b) |
| 5. | (d) | 20. | (d) | 35. | (d) | 50. | (a) |
| 6. | (a) | 21. | (a) | 36. | (c) | 51. | (c) |
| 7. | (c) | 22. | (d) | 37. | (a) | 52. | (a) |
| 8. | (a) | 23. | (c) | 38. | (c) | 53. | (c) |
| 9. | (d) | 24. | (b) | 39. | (a) | 54. | (c) |
| 10. | (a) | 25. | (c) | 40. | (a) | 55. | (a) |
| 11. | (c) | 26. | (c) | 41. | (a) | 56. | (a) |
| 12. | (b) | 27. | (c) | 42. | (c) | 57. | (a) |
| 13. | (b) | 28. | (c) | 43. | (a) | 58. | (c) |
| 14. | (c) | 29. | (a) | 44. | (b) | 59. | (d) |
| 15. | (d) | 30. | (c) | 45. | (c) | 60. | (c) |

## (B) ଦୀର୍ଘ ପ୍ରଶ୍ନାବଳୀ ସଂକ୍ଷିପ୍ତ ଉତ୍ତର ସହିତ (ନମ୍ବର 5 ସମ୍ବଳିତ)

1. a) ପ୍ରତିକଳ୍ପନ ପ୍ରଣାଳୀରେ ନିମ୍ନ ସହ ସମୀକରଣ ଦ୍ୱୟର ସମାଧାନ କର ।

$2x - y - 5 = 0$ (1)

$x + 3y - 9 = 0$ (2)

**ଉତ୍ତର** (2) ରୁ $y = \frac{9-x}{3}$ (3)

ଏହାକୁ (1) ରେ ଉପସ୍ଥାପିତ କଲେ

$2x - \frac{9-x}{3} - 5 = 0$

$\Rightarrow x = \frac{24}{7}$

(3) ରେ ଏହାର ସ୍ଥାପନ କଲେ, $y = \frac{13}{7}$

b) ବଜ୍ରଗୁଣନ ପ୍ରଣାଳୀରେ ନିମ୍ନ ସହ ସମୀକରଣ ଦ୍ୱୟର ସମାଧାନ କର ।

$2x + 3y - 8 = 0$ (1)

$3x + y - 5 = 0$ (2)

**ଉତ୍ତର** ବଜ୍ରଗୁଣନ ଦ୍ୱାରା

$\frac{x}{-7} = \frac{4}{-14} = \frac{1}{-7}$

$\Rightarrow x = 1, y = 2$ .

2. a) ବଜ୍ରଗୁଣନ ପଦ୍ଧତିରେ ନିମ୍ନ ପ୍ରଦତ୍ତ ସହ ସମୀକରଣ ଦ୍ୱୟର ସମାଧାନ କର ।

$2x + 5y = 1$

$2x + 3y = 3$

**ଉତ୍ତର** ପ୍ରଦତ୍ତ ସମୀକରଣଗୁଡ଼ିକୁ ନିମ୍ନମତେ

$2x + 5y - 1 = 0$

$2x + 3y - 3 = 0$

ବଜ୍ରଗୁଣନ ଦ୍ୱାରା

$\frac{x}{-12} = \frac{y}{4} = \frac{1}{-4}$

$\Rightarrow x = 3, \ y = -1$

b) ଅପସାରଣ ପଦ୍ଧତିରେ ନିମ୍ନ ପ୍ରଦତ୍ତ ସହ ସମୀକରଣ ଦ୍ୱୟର ସମାଧାନ କର :

$x + 2y + 1 = 0$ (1)

$2x - 3y - 12 = 0$ (2)

**ଉତ୍ତର** ସମୀକରଣ (1) x (2) $\Rightarrow 2x + 4y + 2 = 0$

ସମୀକରଣ (2) $2x - 3y - 12 = 0$

--------------------------

ବିୟୋଗ ଦ୍ୱାରା $7y + 14 = 0$

$\Rightarrow y = -2$

(1) ଦ୍ୱାରା $x + 2(-2) + 1 = 0$

$\Rightarrow x = 3$

3. a) ଲେଖଚିତ୍ର ସାହାଯ୍ୟରେ ନିମ୍ନଲିଖିତ ସମୀକରଣ ଦ୍ୱୟର ସମାଧାନ କର :

$2x - 5y + 8 = 0$ (1)

ଓ $x - 4y + 7 = 0$ (2)

**ଉତ୍ତର** (1) ଓ (2) ରୁ $y = \frac{8+2x}{5}$

and $y = \frac{-7-x}{-4} = \frac{x+7}{4}$

(1) ଓ (2) ରେଖା ଉପରିସ୍ଥ ଦୁଇବିନ୍ଦୁ

| | | |
|---|---|---|
| x | 1 | –4 |
| y | 2 | 0 |

| | | |
|---|---|---|
| x | –7 | 1 |
| y | 0 | 2 |

ଦୁଇଟିଯାକ ରେଖା ଟାଣି, ସେମାନଙ୍କ ଛେଦବିନ୍ଦୁ (1, 2) ନିର୍ଣ୍ଣୟ ହେବ । x=1, y=2 ଏହାର ସମାଧାନ ।

b) $3x+4y=10$ ଓ $x-y=1$ ସହ ସମୀକରଣ ଦ୍ୱୟର ସମାଧାନ କର।

**ଉତ୍ତର** ଦତ୍ତ ସହ ସମୀକରଣ ଦ୍ୱୟକୁ ନିମ୍ନ ମତେ ଲେଖାଯାଇ ପାରିବ :

$3x+4y-10=0$

$x-y-1=0$

ବଜ୍ର ଗୁଣନ ଦ୍ୱାରା

$$\frac{x}{-14}=\frac{y}{-7}=\frac{1}{-7}$$

$\Rightarrow x=2,\ y=1$

4. a) ଲେଖଚିତ୍ର ସାହାଯ୍ୟରେ ଦର୍ଶାଅ ଯେ, $2x-2y=2$ ଏବଂ $4x-4y-8=0$ ସହ ସମୀକରଣ ଦ୍ୱୟର ସମାଧାନ ଅସମ୍ଭବ।

ଉତ୍ତର ଦତ୍ତ ସମୀକରଣଗୁଡ଼ିକରୁ

$$y=\frac{2-2x}{-2}=x-1$$

and $$y=\frac{8-4x}{-4}=x-2$$

ପ୍ରଥମ ସମୀକରଣର ଦୁଇଟି ସମାଧାନ (0, -1) ଓ (1, 0) ଅଟେ। ଦ୍ୱିତୀୟର ଦୁଇଟି ସମୀକରଣ (0, -2) ଓ (2, 0) ଅଟେ ତେଣୁ ଦୁଇଟିର ଲେଖଚିତ୍ର ନିମ୍ନ ପ୍ରକାରରେ ହେବ।




ସରଳରେଖାଗୁଡ଼ିକ ସମାନ୍ତର ଯୋଗୁଁ, ସେମାନେ ପରସ୍ପରକୁ ଛେଦ କରିବେ ନାହିଁ। ସୁତରାଂ ସମୀକରଣଗୁଡ଼ିକର କୌଣସି ସମାଧାନ ନାହିଁ।

(b) ଅପସାରଣ ପଦ୍ଧତିରେ ନିମ୍ନ ପ୍ରଦତ୍ତ ସହ ସମୀକରଣ ଦ୍ୱୟର ସମାଧାନ କର :

$2x+y=35$ (1)

$3x+4y=65$ (2)

**ଉତ୍ତର** ସମୀକରଣ (1) x 4 $\Rightarrow 2x+4y=140$

ସମୀକରଣ (2) x 1 $\Rightarrow 3x+4y=65$

ବିୟୋଗ କରି $x=5$

(1) ରେ, $x=5$ ସ୍ଥାପନ କଲେ

$x=5$

5. a) ପ୍ରତିକଳ୍ପନ ପ୍ରଣାଳୀରେ ସମାଧାନ କର।

$3x+2y-5=0$ (1)

$x-3y-9=0$ (2)

**ଉତ୍ତର** ସମୀକରଣ (1) ରୁ

$$y=\frac{1}{2}(5-3x) \quad (3)$$

(2) ରେ ଏହା ସ୍ଥାପନ କଲେ,

$x=3$

b) ବଜ୍ରଗୁଣନ ଦ୍ୱାରା $3x-4y+1=0$ ଓ $5x+2y-7=0$ ସହ ସମୀକରଣ ଦ୍ୱୟର ସମାଧାନ କର।

**ଉତ୍ତର** ବଜ୍ରଗୁଣନ ପ୍ରଣାଳୀ ବ୍ୟବହାର କରି

$$\frac{x}{28-2}=\frac{y}{5+21}=\frac{1}{6+20}$$

$\Rightarrow x=1,\ y=1.$

6. a) ଗୋଟିଏ ଭଗ୍ନାଂଶର ଲବ ଓ ହରରେ 2 ଯୋଗ କଲେ ତାହା $\frac{9}{11}$ ହୁଏ । ମାତ୍ର ଲବ ଓ ହରରେ 3 ଯୋଗ କଲେ ତାହା $\frac{5}{6}$ ହେବ । ତେବେ ଭଗ୍ନାଂଶଟି ନିର୍ଣ୍ଣୟ କର ।

**ଉତ୍ତର** ମନେକର ଦରକାରୀ ଭଗ୍ନାଂଶଟି $\frac{x}{y}$ ଦତ୍ତରୁ

$\frac{x+2}{y+2}=\frac{9}{11}$ ଓ $\frac{x+3}{y+3}=\frac{5}{6}$

$\Rightarrow 11x-9y+4=0$

ଓ $6x-5y+3=0$

ବଜ୍ରଗୁଣନ ପ୍ରଣାଳୀ ଦ୍ୱାରା

$$\frac{x}{-7}=\frac{y}{-9}=\frac{1}{-1}$$

$\Rightarrow x=7,\ y=9$

ଅତଏବ ଦରକାରୀ ଭଗ୍ନାଂଶଟି $\frac{7}{9}$ ।

b) ଅପସରଣ ପଦ୍ଧତିରେ ନିମ୍ନଲିଖିତ ସହ ସମୀକରଣ ଦ୍ୱୟର ସମାଧାନ କରେ :

$x+6y+1=0$ (1)

$2x+3y+8=0$ (2)

**ଉତ୍ତର** ସମୀକରଣ x 2 $\Rightarrow$ $2x+12y+2=0$

ସମୀକରଣ x 1 $\Rightarrow$ $2x+3y+8=0$

---------------------------------------------

ବିୟୋଗ ଦ୍ୱାରା $9y-6=0$

$\Rightarrow y=\frac{2}{3}$

ଏହାର ବ୍ୟବହର (1) ର କରି

$x=-5$

7. a) ଲେଖଚିତ୍ର ଅଙ୍କନ କରି ନିମ୍ନପ୍ରଦତ୍ତ ସହ ସମୀକରଣ ଦ୍ୱୟର ସମାଧାନ କର :

$3x+y+2=0$ (1)

$2x+y+2=0$ (2)

**ଉତ୍ତର** (1) $\Rightarrow y=-2-3x$

(2) $\Rightarrow y=-1-2x$

ସମୀକରଣ (1) ର ଦୁଇଟି ସମାଧାନ

| | | |
|---|---|---|
| x | 0 | –2 |
| y | –2 | 4 |

ସମୀକରଣ (2) ର ଦୁଇଟି ସମାଧାନ

| | | |
|---|---|---|
| x | 0 | –2 |
| y | –1 | 3 |

(0, -2), (-2,4) ନେଇ ସରଳରେଖା $L_1$ ଅଙ୍କନ କର ।

(0, -1), (-2,3) ନେଇ ସରଳରେଖା $L_2$ ଅଙ୍କନ କର ।

ସେମାନଙ୍କ ଛେଦବିନ୍ଦୁ (-1, 1) ହିଁ ନିର୍ଣ୍ଣିତ ସମାଧାନ ।

(ଗ୍ରାଫ୍ କାଗଜ ବ୍ୟବହାର କରି ସରଳରେଖାମାନ ଅଙ୍କନ କର)

b) ପ୍ରତିକଳ୍ପନ ପ୍ରଣାଳୀରେ ସହ ସମୀକରଣ ଦ୍ୱୟର ସମାଧାନ କର

$x+2y-3=0$ ଓ $2x-y-1=0$

**ଉତ୍ତର** ଦ୍ୱିତୀୟ ସମୀକରଣ ସ୍ଥାପିତ କରି,

$x+2(2x-1)-3=0$

$\Rightarrow 5x-5=0$

$\Rightarrow x=1$

$\therefore\ y=2x-1=2-1=1$

**ଦ୍ୱିତୀୟ ଅଧ୍ୟାୟ**

# ଦ୍ୱିଘାତ ସମୀକରଣ

**(A) ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।**

1. $3x^2 - 2x - 1 = 0$ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ଯୋଗଫଳ କେତେ ?

   (a) $\frac{1}{3}$ (b) $-\frac{1}{3}$

   (c) $\frac{2}{3}$ (d) $-\frac{2}{3}$

2. $x^2 - 5x + 6 = 0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ $\frac{1}{\alpha} + \frac{1}{\beta}$ ର ମାନ କେତେ ?

   (a) $\frac{6}{5}$ (b) $-\frac{5}{6}$

   (c) $-\frac{6}{5}$ (d) $\frac{5}{6}$

3. ନିମ୍ନଲିଖିତ କେଉଁ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ସମଷ୍ଟି 4 ଓ ଗୁଣଫଳ $-\frac{5}{2}$ ।

   (a) $2x^2 - 8x - 5 = 0$

   (b) $2x^2 + 8x - 5 = 0$

   (c) $x^2 + 7x + 8 = 0$

   (d) $x^2 - 7x - 8 = 0$

4. ଗୋଟିଏ ସଂଖ୍ୟା ଓ ଏହାର ବ୍ୟୁତକ୍ରମର ସମଷ୍ଟି 3 । ସଂଖ୍ୟାଟି x ହେଲେ, ଆବଶ୍ୟକ ଦ୍ୱିଘାତ ସମୀକରଣଟି କ'ଣ ହେବ ?

   (a) $x^2 - 3x + 2 = 0$

   (b) $x^2 - 3x - 5 = 0$

   (c) $x^2 - 3x + 1 = 0$

   (d) $x^2 + 3x + 2 = 0$

5. $2x^2 + 3x + 5 = 0$ ସମୀକରଣର ପ୍ରଭେଦକ କେତେ ?

   (a) -24 (b) 24

   (c) $-\sqrt{24}$ (d) $\sqrt{24}$

6. $kx^2 - (2k + 1)x + 5 = 0$ ସମୀକରଣର ମୂଳ ଦ୍ୱୟର ସମଷ୍ଟି 3 ହେଲେ, k ର ମାନ କେତେ ହେବ ?

   (a) 1 (b) -1

   (c) -2 (d) 2

7. k ର କେଉଁ ଧନାତ୍ମକ ମାନ ପାଇଁ $3x^2 + kx + 3 = 0$ ଦ୍ୱିଘାତ ସମିକରଣର ମୂଳ ଦୁଇଟି ବାସ୍ତବ ଓ ସମାନ ହେବେ ?

   (a) 3 (b) 4

   (c) 5 (d) 6

8. ନିମ୍ନସ୍ଥ କେଉଁ ଦ୍ୱିଘାତ ସମୀକରଣର ମୂଳଦ୍ୱୟ 5 ଓ -4 ହେବ ?

   (a) $x^2 - 2x - 20 = 0$

   (b) $x^2 + 2x - 20 = 0$

   (c) $x^2 + 2x + 20 = 0$

   (d) $x^2 - x - 20 = 0$

9. $5x^2 + 2mx + 5 = 0$ ସମୀକରଣର ମୂଳଦ୍ୱୟ ବାସ୍ତବ ଓ ସମାନ ହେଲେ k ର ମାନ କେତେ ?

   (a) $\pm 5$ (b) $\pm 2.5$

   (c) $\pm 25$ (d) $\pm 10$

10. ନିମ୍ନ ପ୍ରଦତ୍ତ କେଉଁଟି $6x^2 - 7x - 10 = 0$ ଦ୍ୱିଘାତ ସମୀକରଣର ଏକ ମୂଳ ଅଟେ ?

(a) 1 (b) - 2
(c) - 1 (d) 2

11. $x^2 - x - 6 = 0$ ଦ୍ୱିଘାତ ସମୀକରଣର ଗୋଟିଏ ମୂଳ 3 ହେଲେ, ଅନ୍ୟ ମୂଳଟି କେତେ ?

(a) 2 (b) - 2
(c) 3 (d) - 3

12. $x^2 + x + k = 0$ ଦ୍ୱିଘାତ ସମୀକରଣର ଗୋଟିଏ ମୂଳ - 3 ହେଲେ k ର ମାନ କେତେ ?

(a) 4 (b) - 5
(c) - 6 (d) 7

13. $3x^2 + 2\sqrt{3}x - 5 = 0$ ସମୀକରଣର ମୂଳଦ୍ୱୟର ସମଷ୍ଟି କେତେ ?

(a) $-\frac{2}{\sqrt{3}}$ (b) $\frac{2\sqrt{3}}{3}$
(c) $\frac{5}{2\sqrt{3}}$ (d) $\frac{-5}{2\sqrt{3}}$

14. $3x^2 - 2x - 1 = 0$ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ଗୁଣଫଳ କେତେ ?

(a) $\frac{1}{2}$ (b) $-\frac{1}{3}$
(c) $\frac{2}{3}$ (d) $-\frac{2}{3}$

15. ଗୋଟିଏ ଆୟତକ୍ଷେତ୍ରର ଦୈର୍ଘ୍ୟ ପ୍ରସ୍ଥ ଠାରୁ 8 ସେ.ମି. ବଡ଼ ଓ ଏହାର କ୍ଷେତ୍ରଫଳ 240 ବର୍ଗ ସେ.ମି.। ଆୟତକ୍ଷେତ୍ରର ଦୈର୍ଘ୍ୟ, ପ୍ରସ୍ଥ ନିର୍ଣ୍ଣୟ ପାଇଁ ନିମ୍ନୋକ୍ତ ସମୀକରଣ ମଧ୍ୟରୁ କେଉଁଟି ପ୍ରଯୁଜ୍ୟ ?

(a) $x^2 + 16x = 240$
(b) $2x^2 - 8x = 240$
(c) $2x^2 + 16x = 480$
(d) $2x^2 + 8x = 480$

16. $x^2 - px + 2 = 0$ ସମୀକରଣର ମୂଳଦ୍ୱୟ 2 ଓ -4 ହେଲେ p ର ମାନ କେତେ ?

(a) - 3 (b) 3
(c) - 2 (d) 2

17. $3x^2 - px + 2 = 0$ ସମୀକରଣ ଗୋଟିଏ ବୀଜ - 1 ହେଲେ p ର ମାନ କେତେ ?

(a) 3 (b) - 3
(c) 5 (d) - 5

18. $4x^2 - 2x + c = 0$ ସମୀକରଣର ମୂଳଦ୍ୱୟ ସମାନ ହେଲେ 'c' ମାନ କେତେ ?

(a) $\frac{1}{4}$ (b) 4
(c) 1 (d) - 1

19. $x^2 + 7x + 12 = 0$ ସମୀକରଣ ମୂଳଦ୍ୱୟ p ଓ q ହେଲେ $\frac{1}{p} + \frac{1}{q}$ ର ମାନ କେତେ ?

(a) $-\frac{12}{7}$ (b) $\frac{7}{12}$
(c) $-\frac{7}{12}$ (d) $\frac{12}{7}$

20. $x^2 + 3x + 4 = 0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ, $\alpha^2 + \beta^2$ ର ମାନ କେତେ ?

(a) 2 (b) 1
(c) 0 (d) - 1

21. k ର କେଉଁ ମାନ ପାଇଁ $kx^2 - 4x - 4 = 0$ ର ପ୍ରଭେଦକ 64 ହେବ ?

(a) 1 (b) 2
(c) 3 (d) 4

22. $ax^2+bx+c=0$ , ଏକ ଦ୍ୱିଘାତୀ ସମୀକରଣ ହେବା ପାଇଁ ଆବଶ୍ୟକ ସର୍ତ୍ତଟି କ'ଣ ?

(a) $b \neq 0$ (b) $a=b=c$

(c) $c \neq 0$ (d) $a \neq 0$

23. n ଘାତୀ ସମୀକରଣର କେତୋଟି ମୂଳ ଥାଏ ?

(a) n ଟି (b) (n + 1) ଟି

(c) (n - 1) ଟି (d) $n^2$ ଟି

24. $ax^2+bx+c=0$, ଦ୍ୱିଘାତୀ ସମୀକରଣର ପ୍ରଭେଦକ D = 0 ହେଲେ, ମୂଳଦ୍ୱୟର ସ୍ୱରୂପ କ'ଣ ହେବ ?

(a) ବାସ୍ତବ ଓ ଅସମାନ

(b) ବାସ୍ତବ ଓ ସମାନ

(c) ଅବାସ୍ତବ

(d) କହି ହେବନାହିଁ

25. $ax^2+bx+c=0$, ଦ୍ୱିଘାତୀ ସମୀକରଣର ମୂଳଦ୍ୱୟ ପରସ୍ପରର ଯୋଗାତ୍ମକ ବିଲୋମୀ ହେବା ପାଇଁ ଆବଶ୍ୟକ ସର୍ତ୍ତଟି କ'ଣ ?

(a) $a=0$ (b) $b=0$

(c) $c=0$ (d) $b \neq 0$

26. $x^2+px-64=0$ , ଦ୍ୱିଘାତ ସମୀକରଣର ଗୋଟିଏ ବୀଜ ଅନ୍ୟର ବର୍ଗ ହେଲେ, p ର ମାନ କେତେ ?

(a) - 12 (b) 12

(c) - 8 (d) 8

27. $2x^2+kx+3=0$ ସମୀକରଣର ଦୁଇଟି ମୂଳ ବାସ୍ତବ ଓ ସମାନ ହେଲେ k ର ମାନ କେତେ ?

(a) ± 6v2 (b) $\pm 2\sqrt{6}$

(c) $\pm\sqrt{12}$ (d) 0

28. ନିମ୍ନଲିଖିତ ମଧ୍ୟରୁ କେଉଁଟି 6 ଓ -8 ମୂଳ ବିଶିଷ୍ଟ ଦ୍ୱିଘାତୀ ସମୀକରଣ ?

(a) $x^2-2x-48=0$

(b) $x^2-2x+48=0$

(c) $x^2+2x-48=0$

(d) $x^2+2x+48=0$

29. $3x^2-2x+(k-3)=0$ ସମୀକରଣର ଗୋଟିଏ ମୂଳ ଅନ୍ୟଟିର ବ୍ୟୁତକ୍ରମ ହେଲେ kର ମାନ କେତେ ?

(a) 1 (b) 0

(c) 6 (d) 9

30. $2x^2-5x+3=0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ $\alpha^2+\beta^2=$ ?

(a) $\frac{8}{35}$ (b) $\frac{13}{4}$

(c) $\frac{5}{2}$ (d) $\frac{6}{5}$

31. କେଉଁ ଦ୍ୱିଘାତ ସମୀକରଣଟିର ମୂଳଦ୍ୱୟ ଅବାସ୍ତବ ?

(a) $x^2+6x-4=0$

(b) $x^2-x+1=0$

(c) $2x^2+x-1=0$

(d) $4x^2-4x+1=0$

32. $5x^2-2x+c=0$ , ସମୀକରଣର ମୂଳଦ୍ୱୟ ପରସ୍ପରର ଗୁଣନାତ୍ମକ ବିଲୋମୀ ହେଲେ $\frac{c}{5}=$ ?

(a) 2 (b) 1

(c) 0 (d) $\frac{1}{2}$

33. $(2+\sqrt{3})$ ଓ $(2-\sqrt{3})$ ମୂଳଦ୍ୱୟ ବିଶିଷ୍ଟ ଦ୍ୱିଘାତୀ ସମୀକରଣଟି କ'ଣ ହେବ ?

(a) $x^2+4x+2\sqrt{3}=0$

(b) $x^2-4x+1=0$

(c) $x^2-2x+\sqrt{3}=0$

(d) $x^2+4x-1=0$

34. $9x^2-7x+c=0$ ର ବୀଜଦ୍ୱୟର ସମଷ୍ଟି ଓ ଗୁଣଫଳ ସମାନ ହେଲେ, c ର ମାନ କେତେ ?

(a) $\frac{7}{2}$ (b) 7

(c) 14 (d) 7

35. $a'x^2+b'x+c'=0$ ସମୀକରଣର ମୂଳ ଦ୍ୱୟର ସମଷ୍ଟି ଓ ଗୁଣଫଳ ଉଭୟ ସମାନ ହେଲେ ନିମ୍ନଲିଖିତ କେଉଁଟି ଠିକ୍ ?

(a) $a'=b'$ (b) $-b'=c'$

(c) $c'=a'$ (d) $b'=c'$

36. ଦ୍ୱିଘାତ ସମୀକରଣକୁ ପୂର୍ଣ୍ଣ ବର୍ଗରେ ପରିଣତ କରି ସମାଧାନ କରିବା ପ୍ରଥମେ କେଉଁ ଭାରତୀୟ ଗଣିତଜ୍ଞଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ?

(a) ଆର୍ଯ୍ୟଭଟ୍ଟ (b) ବ୍ରହ୍ମଗୁପ୍ତ

(c) ପିଥାଗୋରସ (d) ଶ୍ରୀଧର ଆଚାର୍ଯ୍ୟ

37. $ax^2+bx+c=0$ ସମୀକରଣର ପ୍ରଭେଦକ $D>0$ ଏବଂ D ଏକ ପୂର୍ଣ୍ଣବର୍ଗ ହେଲେ ମୂଳଦ୍ୱୟର ସ୍ୱରୂପ କ'ଣ ହେବ ?

(a) ପରିମେୟ ଓ ସମାନ

(b) ଅପରିମେୟ ଓ ଅସମାନ

(c) ଅପରିମେୟ ଓ ସମାନ

(d) ପରିମେୟ ଓ ଅସମାନ

38. $ax^2+bx+c=0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ, $-\alpha$ ଓ $-\beta$ ମୂଳଥିବା ଦ୍ୱିଘାତ ସମୀକରଣଟି କ'ଣ ହେବ ?

(a) $ax^2-bx+c=0$

(b) $ax^2+bx+c=0$

(c) $ax^2-bx-c=0$

(d) $ax^2+bx-c=0$

39. $ax^2+bx+c=0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ, $\frac{1}{\alpha}$ ଓ $\frac{1}{\beta}$ ମୂଳଥିବା ଦ୍ୱିଘାତ ସମୀକରଣଟି କ'ଣ ହେବ ?

(a) $ax^2+bx+c=0$

(b) $ax^2-bx-c=0$

(c) $ax^2-bx+c=0$

(d) $cx^2+bx+a=0$

40. $x^2+x-6=0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ, $\frac{\alpha}{\beta}+\frac{\beta}{\alpha}$ ର ମାନ କେତେ ?

(a) $-\frac{6}{13}$ (b) $\frac{6}{13}$

(c) $\frac{13}{6}$ (d) $-\frac{13}{6}$

41. ଗୋଟିଏ ଦ୍ୱିଘାତ ସମୀକରଣର ପ୍ରଭେଦକ D ଏବଂ ମୂଳଦ୍ୱୟ ବାସ୍ତବ ଓ ଅସମାନ ହେଲେ, ନିମ୍ନୋକ୍ତ କେଉଁ ଉକ୍ତିଟି ସତ୍ୟ ଅଟେ ?

(a) $D\geq 0$ (b) $D=0$

(c) $D<0$ (d) $D>0$

42. ଦୁଇଟି କ୍ରମିକ ଅଯୁଗ୍ମ ସଂଖ୍ୟାର ଗୁଣଫଳ 15 ହେଲେ, ସେହି ଦୁଇଟି ବୀଜ ଦେଉଥିବା ଦ୍ୱିଘାତ ସମୀକରଣର ସ୍ୱରୂପ କ'ଣ ହେବ ?

(a) $x^2+8x+15=0$

(b) $x^2+8x-15=0$

(c) $x^2-8x-15=0$

(d) $x^2-8x+15=0$

43. k ର କେଉଁମାନ ପାଇଁ ଦ୍ୱିଘାତ ସମୀକରଣ $kx^2-4x-4=0$ ର ପ୍ରଭେଦକ 64 ହେବ ?

(a) 4 (b) 3

(c) 2 (d) 1

44. $4x^2-2x+c=0$ ସମୀକରଣର ମୂଳ ଦ୍ୱୟ ସମାନ ହେଲେ c ର ମାନ କେତେ ?

(a) $\frac{1}{2}$ (b) $\frac{1}{4}$

(c) $-\frac{1}{4}$ (d) $-\frac{1}{2}$

45. $mx^2-2x+(2m+1)=0$ ସମୀକରଣର ମୂଳ ଦ୍ୱୟର ଗୁଣଫଳ 3 ହେଲେ m ର ମାନ କେତେ ?

(a) 1 (b) 2

(c) 3 (d) 4

46. $cx^2+ax=b$ ସମୀକରଣର ପ୍ରଭେଦକଟି କେତେ ?

(a) $a^2-4bc$ (b) $b^2-4ac$

(c) $a^2+4bc$ (d) $b^2+4ac$

47. $2x^2-5x+3=0$ ସମୀକରଣର ମୂଳ ଦ୍ୱୟ $\alpha$ ଓ $\beta$ ହେଲେ $\alpha^2\beta+\alpha\beta^2$ ର ମାନ କେତେ ?

(a) $\frac{15}{4}$ (b) $\frac{17}{4}$

(c) $\frac{19}{4}$ (d) $\frac{21}{4}$

48. $5x^2+2mx+3=0$ ସମୀକରଣର ମୂଳଦ୍ୱୟ ବାସ୍ତବ ଓ ସମାନ ହେଲେ m ର ମୂଲ୍ୟ କେତେ ?

(a) $\pm 4$ (b) $\pm 5$

(c) $\pm 6$ (d) $\pm 7$

49. $9+7x-2x^2=0$ ସମୀକରଣର ମୂଳଦ୍ୱୟର ପାର୍ଥକ୍ୟ କେତେ ?

(a) $\frac{9}{2}$ (b) $\frac{11}{2}$

(c) $\frac{13}{2}$ (d) $\frac{15}{2}$

50. $mx^2-mx-m=0$ ଦ୍ୱିଘାତ ସମୀକରଣର ଗୋଟିଏ ମୂଳ $\alpha$ ହେଲେ ଅନ୍ୟଟି ?

(a) $\frac{1}{\alpha}$ (b) $-\frac{1}{\alpha}$

(c) $2\alpha$ (d) $3\alpha$

51. $(2+\sqrt{3})$ ଓ $(2-\sqrt{3})$ ମୂଳଦ୍ୱୟ ବିଶିଷ୍ଟ ଦ୍ୱିଘାତୀ ସମୀକରଣଟି କ'ଣ ହେବ ?

(a) $x^2+4x+2\sqrt{3}=0$

(b) $x^2-4x+1=0$

(c) $x^2-2x+\sqrt{3}=0$

(d) $x^2+4x-1=0$

52. 1 ଓ - 1 ମୂଳ ବିଶିଷ୍ଟ ଦ୍ୱିଘାତ ସମୀକରଣଟି କ'ଣ ?

(a) $x^2+1=0$

(b) $x^2-1=0$

(c) $x^2-4=0$

(d) $x^2+4=0$

53. $mx^2 + nx + p = 0$ ସମୀକରଣର ମୂଳଦ୍ୱୟ $\alpha, \beta$ ହେଲେ $(\alpha + \beta)^{-1}$ ର ମୂଲ୍ୟ କେତେ ?

(a) $\frac{m}{n}$ (b) $-\frac{n}{m}$

(c) $-\frac{m}{n}$ (d) $\frac{n}{m}$

54. ଏକ ଦ୍ୱିଘାତ ସମୀକରଣର ପ୍ରଭେଦକ 16 ହେଲେ, ତାହାର ବୀଜଦ୍ୱୟର ସ୍ୱରୂପ କ'ଣ ?

(a) ଅବାସ୍ତବ

(b) ବାସ୍ତବ ଓ ସମାନ

(c) ବାସ୍ତବ ଓ ଅସମାନ

(d) କୌଣସିଟି ନୁହେଁ

55. $2x^2 - 3x + c = 0$ ଦ୍ୱିଘାତ ସମୀକରଣର ପ୍ରଭେଦକ 1 ହେଲେ c ର ମାନ କେତେ ?

(a) 1 (b) 2

(c) 3 (d) 4

56. $2px^2 - 8x + p = 0$ ସମୀକରଣର ମୂଳଦ୍ୱୟ ସମାନ ହେଲେ p ର ମାନ କେତେ ?

(a) $\pm 4\sqrt{2}$ (b) $\pm 3\sqrt{2}$

(c) $\pm 2\sqrt{2}$ (d) $\pm \sqrt{2}$

57. ଗୋଟିଏ ଦ୍ୱିଘାତ ସମୀକରଣର ପ୍ରଭେଦକ -11 ହେଲେ ମୂଳଦ୍ୱୟର ସ୍ୱରୂପ କ'ଣ ?

(a) ସମାନ

(b) ଅବାସ୍ତବ

(c) ଅସମାନ

(d) କୌଣସିଟି ନୁହେଁ

58. $9 + 7x - 2x^2 = 0$ ସମୀକରଣର ମୂଳଦ୍ୱୟର ଅନ୍ତର କେତେ ?

(a) $\pm\frac{5}{2}$ (b) $\pm\frac{9}{2}$

(c) $\pm\frac{7}{2}$ (d) $\pm\frac{11}{2}$

59. ଗୋଟିଏ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ସମଷ୍ଟି 4 ଓ ଗୁଣଫଳ $-\frac{5}{2}$ ହେଲେ ସମୀକରଣଟି କ'ଣ ?

(a) $2x^2 + 8x + 5 = 0$

(b) $2x^2 + 8x - 5 = 0$

(c) $2x^2 - 8x - 5 = 0$

(d) $2x^2 - 8x + 5 = 0$

60. ଦୁଇଟି କ୍ରମିକ ପୂର୍ଣ୍ଣସଂଖ୍ୟାର ଗୁଣଫଳ 72 । ସାନ ସଂଖ୍ୟାଟିକୁ x ନେଲେ ଗଠିତ ସମୀକରଣ କ'ଣ ହେବ ?

(a) $x^2 - x + 72 = 0$

(b) $x^2 + x + 72 = 0$

(c) $x^2 + x - 72 = 0$

(d) $x^2 - x - 72 = 0$

61. $x^2 + x + k = 0$ ଦ୍ୱିଘାତ ସମୀକରଣର ଗୋଟିଏ ମୂଳ -3 ହେଲେ k ର ମାନ କେତେ ?

(a) - 6 (b) - 7

(c) - 8 (d) - 9

62. $x^2 - 2kx - 2x + k^2 = 0$ ଦ୍ୱିଘାତ ସମୀକରଣର ବୀଜଦ୍ୱୟ ସମାନ ହେଲେ k ର ମାନ କେତେ ?

(a) $\frac{1}{3}$ (b) $\frac{1}{2}$

(c) $-\frac{1}{2}$ (d) $-\frac{1}{3}$

63. $x^2-8x+16p=0$ ଦ୍ୱିଘାତ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ $\left(\frac{1}{\alpha}+\frac{1}{\beta}\right)^{-1}$ କେତେ ?

(a) 2p (b) 3p

(c) 4p (d) p

64. $cx^2+ax=b$ ଦ୍ୱିଘାତ ସମୀକରଣଟିର ପ୍ରଭେଦକ କେତେ ?

(a) $a^2-4bc$ (b) $a^2+4bc$

(c) $b^2-4ac$ (d) $c^2-4ab$

65. $(x+2)(x+3)=6$ ସମୀକରଣର ମୂଳଦ୍ୱୟର ଗୁଣଫଳ କେତେ ?

(a) 0 (b) 1

(c) 2 (d) 3

66. $(x+5)(x-7)=0$ ସମୀକରଣର ମୂଳଦ୍ୱୟର ଗୁଣଫଳ କେତେ ?

(a) 25 (b) 49

(c) 35 (d) -35

## ANSWER KEYS

| | | | | | | | |
|---|---|---|---|---|---|---|---|
| 1. | (c) | 18. | (a) | 35. | (b) | 52. | (b) |
| 2. | (d) | 19. | (c) | 36. | (d) | 53. | (c) |
| 3. | (a) | 20. | (b) | 37. | (d) | 54. | (c) |
| 4. | (c ) | 21. | (c) | 38. | (a) | 55. | (a) |
| 5. | (b) | 22. | (d) | 39. | (d) | 56. | (c) |
| 6. | (a) | 23. | (a) | 40. | (d) | 57. | (b) |
| 7. | (d) | 24. | (b) | 41. | (d) | 58. | (d) |
| 8. | (d) | 25. | (b) | 42. | (d) | 59. | (c) |
| 9. | (a) | 26. | (a) | 43. | (b) | 60. | (c) |
| 10. | (d) | 27. | (c) | 44. | (b) | 61. | (a) |
| 11. | (b) | 28. | (c) | 45. | (a) | 62. | (c) |
| 12. | (c) | 29. | (c) | 46. | (c) | 63. | (a) |
| 13. | (a) | 30. | (b) | 47. | (a) | 64. | (b) |
| 14. | (b) | 31. | (b) | 48. | (b) | 65. | (a) |
| 15. | (c) | 32. | (b) | 49. | (b) | 66. | (d) |
| 16. | (c) | 33. | (b) | 50. | (b) | | |
| 17. | (d) | 34. | (b) | 51. | (b) | | |

## (B) ଦୀର୍ଘ ପ୍ରଶ୍ନାବଳୀ ସଂକ୍ଷିପ୍ତ ଉତ୍ତର ସହିତ (ନମ୍ବର 5 ସମ୍ବଳିତ)

1. a) ପୂର୍ଣ୍ଣ ବର୍ଗରେ ପରିଣତ କରି ସମାଧାନ କର।

$2x^2 - 13x + 2 = 0$

**ଉତ୍ତର** 2 ରେ ବିଭକ୍ତ କରି, ପୂର୍ଣ୍ଣ ବର୍ଗରେ ନିମ୍ନଲିଖିତ ଭାବେ ପ୍ରକାଶ କର

$$\left(x - \frac{13}{4}\right)^2 = \frac{9}{16}$$

$$\Rightarrow x = \frac{13}{4} + \frac{3}{4} \text{ କିମ୍ବା } \frac{13}{4} - \frac{3}{4}$$

$$\Rightarrow x = 4 \text{ କିମ୍ବା } \frac{5}{2}$$

b) ଏକ ସମକୋଣି ତ୍ରିଭୁଜର ସଂଲଗ୍ନ ବାହୁଦ୍ୱୟର ଦୈର୍ଘ୍ୟ 5x ସେ.ମି. ଓ 3x-1 ସେ.ମି. ଓ କ୍ଷେତ୍ରଫଳ 60 ବର୍ଗ ସେ.ମି., ହେଲେ ବାୟୁଦ୍ୱୟର ଦୈର୍ଘ୍ୟ ନିର୍ଣ୍ଣୟ କର।

**ଉତ୍ତର** ଦତ୍ତ ତଥ୍ୟ ବ୍ୟବହାର

$$\text{ତ୍ରିଭୁଜର କ୍ଷେତ୍ରଫଳ } = \frac{1}{2} x 5x(3x - 1) = 60$$

$$\Rightarrow 3x^2 - x - 24 = 0$$

$$\Rightarrow (x - 3)(3x + 8) = 0$$

$$\Rightarrow x = 3 \text{ or } -\frac{8}{3} \text{ (ଗ୍ରହଣୀୟ ନୁହେଁ)}$$

ତେଣୁ ବାହୁଦ୍ୱୟ 15 ସେ.ମି. ଓ 8 ସେ.ମି.।

2. a) ଶ୍ରୀଧର ଆଚାର୍ଯ୍ୟ ପଦ୍ଧତି ବ୍ୟବହାର କରି $2x^2 - 9x + 4 = 0$ ଦ୍ୱିଘାତ ସମୀକରଣର ସମାଧାନ କର।

**ଉତ୍ତର** ଏଠାରେ a = 2, ତେଣୁ ସମୀକରଣଟିକୁ 4a = 8 ରେ ଗୁଣନ କରି

$$16x^2 - 72x + 32 = 0$$

$$\Rightarrow (4x - 9)^2 - 81 + 32 = 0$$

$$\Rightarrow (4x - 9)^2 = 49$$

$$\Rightarrow 4x - 9 = \pm 7$$

$$\Rightarrow x = 4 \text{ କିମ୍ବା } \frac{1}{2}$$

b) ଯଦି $a(b - c)x^2 + b(c - a)x + c(a - b) = 0$ ସମୀକରଣ ବୀଜଦ୍ୱୟ ସମାନ ହୁଏ, ତେବେ ଦର୍ଶାଅ ଯେ

$$\frac{2}{b} = \frac{1}{a} + \frac{1}{c}$$

**ଉତ୍ତର** ଯେଣୁ ବୀଜଦ୍ୱୟ ସମାନ,

$$b^2(c - a)^2 - 4a(b - c)c(a - b) = 0$$

$$\Rightarrow \{a(b - c) - c(a - b)\}^2 = 0$$

$$\Rightarrow a(b - c) - c(a - b) = 0$$

$$\Rightarrow ab + bc = 2ca$$

abc ଦ୍ୱାରା ଭାଗ କରି

$$\frac{1}{c} + \frac{1}{a} = \frac{2}{b}.$$

3. a) ଗୋଟିଏ ଶ୍ରେଣୀରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଛାତ୍ରମାନଙ୍କ ମଧ୍ୟରେ 250 ଟଙ୍କାକୁ ସମାନ ଭାଗରେ ବଣ୍ଟାଗଲା। ଯଦି 25 ଜଣ ଛାତ୍ର ଅଧିକ ହୋଇଥାଆନ୍ତେ, ତେବେ 0.50 ଟଙ୍କା ଲେଖାଏଁ କମ୍ ପାଇଥାନ୍ତେ। ଶ୍ରେଣୀର ଛାତ୍ରସଂଖ୍ୟା ନିର୍ଣ୍ଣୟ କର।

**ଉତ୍ତର** ମନେକର ଶ୍ରେଣୀର ଛାତ୍ର ସଂଖ୍ୟା x। 250 ଟଙ୍କା ସମାନ ବାଣ୍ଟିଲେ ଜଣ ପ୍ରତି $\frac{250}{x}$ ପଡ଼ିବ, କିନ୍ତୁ 25 ଛାତ୍ର ଅଧିକ ହେଲେ ଜଣ ପ୍ରତି $\frac{250}{x+25}$ ଟଙ୍କା ପଡ଼ିବ।

ପ୍ରଶ୍ନାନୁସାରେ

$$\frac{250}{x}-\frac{250}{x+25}=\frac{1}{2}$$

$$\Rightarrow x^2+25x-12500=0$$

$$\Rightarrow (x+125)(x-100)=0$$

$\Rightarrow x=125$ (ଅସମ୍ଭବ) କିମ୍ବା $x=100$

$$\Rightarrow x=100$$

b) ଯଦି $\alpha$ ଓ $\beta$, $5x^2-3x-2=0$ ସମୀକରଣର ମୂଳଦ୍ୱୟ ହୁଏ, ତେବେ ପ୍ରମାଣ କର ଯେ $\alpha^3+\beta^3=\frac{117}{125}$

**ଉତ୍ତର** $\alpha+\beta=\frac{3}{5},\ \alpha\beta=-\frac{2}{5}$

ତେଣୁ

$$\alpha^3+\beta^3=(\alpha+\beta)^3-3\alpha\beta(\alpha+\beta)$$

$$=\frac{117}{125}$$

4. a) ଦ୍ୱିଘାତ ସୂତ୍ର ନିରୂପଣ କର।

**ଉତ୍ତର** ଦ୍ୱିଘାତ ସମୀକରଣର ସାଧାରଣ ରୂପ $ax^2+bx+c=0$ ହେଉ।

a ରେ ଉଭୟ ପାର୍ଶ୍ୱକୁ ଭାଗ କରି

$$x^2+\frac{b}{a}x+\frac{c}{a}=0$$

$$\Rightarrow x^2+2.x.\frac{b}{21}=-\frac{c}{a}$$

$$\Rightarrow\left(x+\frac{b}{2a}\right)^2-\frac{b^2}{4a^2}=-\frac{c}{a}$$

$$\Rightarrow\left(x+\frac{b}{2a}\right)^2=\frac{b^2-4ac}{4a^2}$$

$$\Rightarrow x+\frac{b}{21}=\pm\frac{\sqrt{b^2-4ac}}{2a}$$

$$\Rightarrow x=\frac{-b\pm\sqrt{b^2-4ac}}{2a}$$

b) ଯଦି $bx^2+cx+a=0$ ସମୀକରଣର ଗୋଟିଏ ମୂଳ ଅପରଟିର 3 ଗୁଣ ହୁଏ, ତେବେ ପ୍ରମାଣ କର ଯେ $3c^2=16ab$.

**ଉତ୍ତର** ମନେକର ମୂଳ ଦୁଇଟି $\alpha$ and $3\alpha$ ।

ତେବେ $\alpha+3\alpha=-\frac{c}{b}$ and $\alpha.3\alpha=\frac{a}{b}$

$$\Rightarrow \alpha=-\frac{c}{4b}\text{ and }3\alpha^2=\frac{a}{b}$$

$$\Rightarrow 3\left(-\frac{c}{4b}\right)^2=\frac{a}{b}$$

$$\Rightarrow 3c^2=16\ ab.$$

5. a) ଏକ ନୌକାର ବେଗ ସ୍ଥିର ଜଳରେ ଘଣ୍ଟାପ୍ରତି 15 କି.ମି.। ଏହା ସ୍ରୋତର ପ୍ରତିକୂଳରେ 30 କି.ମି. ଯାଇ ଫେରି ଆସିବାକୁ 4 ଘଣ୍ଟା 30 ମି. ସମୟ ନିଏ। ସ୍ରୋତର ଘଣ୍ଟା ପ୍ରତି ବେଗ ନିର୍ଣ୍ଣୟ କର।

**ଉତ୍ତର** ମନେକର ସ୍ରୋତର ବେଗ ଘଣ୍ଟା ପ୍ରତି x କି.ମି. ତେଣୁ ପ୍ରତିକୂଳ ସ୍ରୋତରେ ନୌକାର ବେଗ ଘଣ୍ଟା ପ୍ରତି (15 - x) କି.ମି. ଓ ଅନୁକୂଳରେ (15 + x) କି.ମି. ସ୍ରୋତର ଅନୁକୂଳରେ 30 କି.ମି. ଯିବାକୁ ସମୟ ଲାଗିବ $\frac{30}{15+x}$ ଏବଂ ପ୍ରତିକୂଳରେ $\frac{30}{15-x}$ ଘଣ୍ଟା ସମୟ ଲାଗିବ।

ପ୍ରଶ୍ନାନୁସାରେ $\frac{30}{15+x}+\frac{30}{15-x}=4\frac{1}{2}=\frac{9}{2}$

$$\Rightarrow 30\frac{15-x+15+x}{225-x^2}=\frac{9}{2}$$

$$\Rightarrow \frac{30 \text{ x } 30}{225-x^2}=\frac{9}{2}$$

$$\Rightarrow 225-x^2=\frac{2 \text{ x } 10 \text{ x } 10}{9}=200$$

$$\Rightarrow x^2=25$$

$\Rightarrow x=5$ or $-5$ (ଅବାସ୍ତବ)

ସ୍ରୋତର ବେଗ 5 କି.ମି/ଘଣ୍ଟା

b) $2x^2-6x+3=0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ, ପ୍ରମାଣ କର ଯେ $\frac{\alpha}{\beta}+\frac{\beta}{\alpha}+5\left(\frac{1}{\alpha}+\frac{1}{\beta}\right)+2\alpha\beta=17$.

**ଉତ୍ତର** ବାମପାର୍ଶ୍ୱ $\frac{\alpha^2\beta^2}{\alpha\beta}+5\frac{\alpha+\beta}{\alpha\beta}+2\alpha\beta$

$$=\frac{(\alpha+\beta)^2-2\alpha\beta}{\alpha\beta}+5\frac{\alpha+\beta}{\alpha\beta}+2\alpha\beta$$

$=\frac{3^2-2.\frac{3}{2}}{\frac{3}{2}}+5\frac{3}{\frac{3}{2}}+2\frac{3}{2}=17=$ ଦକ୍ଷିଣପାର୍ଶ୍ୱ

6. a) ପୂର୍ଣ୍ଣ ବର୍ଗରେ ପରିଣତ କରି $19x^2-7x-12=0$ ସମୀକରଣଟିକୁ ସମାଧାନ କର ଏବଂ ସୂତ୍ର ସାହାଯ୍ୟରେ ଯାଞ୍ଚ କର।

**ଉତ୍ତର** 19 ରେ ଭାଗ କରି

$$x^2-\frac{7}{19}x=\frac{12}{19}$$

$$\Rightarrow\left(x-\frac{7}{38}\right)^2-\frac{49}{1444}=\frac{12}{19}$$

$$\Rightarrow\left(x-\frac{7}{38}\right)^2=\frac{961}{1444}$$

$$\Rightarrow x-\frac{7}{38}=\pm\frac{31}{38}$$

$\Rightarrow x=1$ ବା $-\frac{12}{19}$

ସୂତ୍ର $x=\frac{-b\pm\sqrt{b^2-4ac}}{2a}$ ଦ୍ୱାରା ମୂଳ ନିର୍ଣ୍ଣୟ କର ଓ ଯାଞ୍ଚ କର।

b) $41x^2-2(5a+4b)x+a^2+b^2=0$ ସମୀକରଣର ମୂଳଦ୍ୱୟ ସମାନ ହେଲେ ପ୍ରମାଣ କର ଯେ, $\frac{a}{b}=\frac{5}{4}$.

**ଉତ୍ତର** ମୂଳ ସମାନ ହୋଇଥିବାରୁ

$$D=0$$

$$\Rightarrow 4(5a+4b)^2-4 \text{ x } 41(a^2+b^2)=0$$

$$\Rightarrow (4a-5b)^2=0$$

$$\Rightarrow 4a-5b=0$$

$$\Rightarrow \frac{a}{b}=\frac{5}{4}.$$

7. a) ଗୋଟିଏ ପରିବାରରେ ଯଦୁର ବୟସ, ମଧୁ ଓ ରାଧୁ ବୟସର ଗୁଣଫଳ ସହ ସମାନ । ଯଦି ମଧୁ, ରାଧୁଠାରୁ 1 ବର୍ଷ ବଡ଼ ହୁଏ ଓ ଯଦୁର ବୟସ 42 ହୁଏ, ତେବେ 5 ବର୍ଷ ପରେ ମଧୁର ବୟସ କେତେ ହେବ ?

**ଉତ୍ତର** ମନେକର ରାଧୁର ବୟସ x

ପ୍ରଶ୍ନାନୁସାରେ ମଧୁର ବୟସ x + 1,

ଯଦୁର ବୟସ x (x + 1)

ତେଣୁ $x(x+1)=42$

$\Rightarrow x^2+x-42=0$

$\Rightarrow (x+7)(x-6)=0$

$\Rightarrow x=-7$ ବା 6

ତେଣୁ ମଧୁର ବର୍ତ୍ତମାନ ବୟସ 7 ଓ ପାଞ୍ଚ ବର୍ଷ ପରେ ଏହା 12 ହେବ ।

b) ଯଦି $2x^2-(p+1)x+(p-1)=0$ ସମୀକରଣର ମୂଳ ଦ୍ୱୟର ଅନ୍ତର ଓ ଗୁଣଫଳ ସମାନ ହୁଏ, ତେବେ p ର ମାନ ନିରୂପଣ କର ।

**ଉତ୍ତର** ଏଠାରେ $\alpha$ ଓ $\beta$ ଯଦି ମୂଳଦ୍ୱୟ ହୁଏ,

ତେବେ $\alpha+\beta=\frac{p+1}{2}$ and $\alpha\beta=\frac{p-1}{2}$

$\therefore (\alpha-\beta)^2=(\alpha+\beta)^2-4\alpha\beta$

ପ୍ରଶ୍ନାନସାରେ

$(\alpha\beta)^2=(\alpha+\beta)^2-4\alpha\beta$

$\Rightarrow \left(\frac{p-1}{2}\right)^2=\left(\frac{p+1}{2}\right)^2-4\frac{p-1}{2}$

$\Rightarrow p=2p-2$

$\Rightarrow 4a-5b=0$

$\Rightarrow p=2.$

## ତୃତୀୟ ଅଧ୍ୟାୟ

# ସମାନ୍ତର ପ୍ରଗତି

**(A) ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।**

1. ନିମ୍ନୋକ୍ତ ମଧ୍ୟରୁ କେଉଁଟି A.P. ରେ ଅଛି ?

   (a) 0.3, 0.6, 0.9, 1.2

   (b) $\frac{1}{2}, \frac{1}{3}, \frac{1}{9}, \frac{1}{5}$

   (c) 0.2, 0.3, 0.4, 06

   (d) - x, 0, 2x, 8x

2. ଯଦି ଗୋଟିଏ ସମାନ୍ତର ପ୍ରଗତିର ପ୍ରଥମ ପଦ 'a' ଏବଂ ସାଧାରଣ ଅନ୍ତର '0' ହୁଏ, ତେବେ ପ୍ରଗତିଟି କ'ଣ ହେବ ?

   (a) d, 0 d + 0, d + 1

   (b) d, d, d, d

   (c) d, d + e, 2d + 3, 3d + 3

   (d) d, 0, d + e, d + 2e

3. 2, 4, 6, 8, 10, ... ପ୍ରଗତିର $t_8$ ର ମାନ କେତେ ?

   (a) 8 (b) 18

   (c) 16 (d) 72

4. 2p + 1, 13, 5p - 3 ଗୋଟିଏ A.P. ର ତିନୋଟି ପଦ ହେଲେ, p ର ମାନ କେତେ ?

   (a) 8 (b) 4

   (c) 16 (d) 72

5. ଯଦି a, b, c A.P.ରେ ରହିବେ, ତେବ $\frac{b-a}{b-c} = ?$

   (a) 1 (b) $\frac{b}{a}$

   (c) - 1 (d) $\frac{c}{a}$

6. 11, 0, -11, -22, ... ଏକ ସମାନ୍ତର ପ୍ରଗତିରେ ଅଛନ୍ତି, ଏହାର ସାଧାରଣ ଅନ୍ତର କେତେ ?

   (a) 0 (b) 11

   (c) - 11 (d) - 10

7. ଯେଉଁ ଅନୁକ୍ରମର $S_n = n^2$, ସେହି ଅନୁକ୍ରମର $t_{10}$= ?

   (a) 100 (b) 20

   (c) 19 (d) 99

8. 1, 3, 5, 7, .... A.P. ର $S_{25}$ କେତେ ?

   (a) 325 (b) 625

   (c) 525 (d) 650

9. ପ୍ରଥମ n ସଂଖ୍ୟକ ଯୁଗ୍ମ ଗଣନ ସଂଖ୍ୟା ସମଷ୍ଟି କେତେ ?

   (a) $n(n+1)$

   (b) $\frac{n(n+1)}{2}$

   (c) $n^2$

   (d) $\frac{n(n+1)(2n+1)}{6}$

10. ଦୁଇଟି ରାଶିର A.M. = 15 । ଗୋଟିଏ ରାଶି 18 ହେଲେ, ଅନ୍ୟଟି କେତେ ?

(a) 10 (b) 12

(c) 16 (d) 30

11. 1 - 2 + 3 - 4 + .... ରେ $S_{50}$ କେତେ ?

(a) 50 (b) - 50

(c) 25 (d) - 25

12. ଗୋଟିଏ A. P. ର ପ୍ରଥମ ପଦ 5 ଓ ଶେଷପଦ 45 ଏବଂ $S_n$ = 400 ହେଲେ, n= ?

(a) 16 (b) 17

(c) 18 (d) 15

13. 7, 12, 17, 22, ... A.P. ରେ ରହିଲେ, (n-1) ତମ ପଦ କେତେ ?

(a) 5n + 3 (b) 5n - 2

(c) 5n + 2 (d) 5n - 3

14. $a^2 + b^2$ ଓ $a^2 - b^2$ ର ସମାନ୍ତର ମଧ୍ୟକଟି କେତେ ?

(a) $a^2$ (b) $\frac{a^2}{2}$

(c) $b^2$ (d) a

15. 100 ଓ 400 ମଧ୍ୟରେ ଥିବା 5 ର ଗୁଣିତକ ସଂଖ୍ୟା କେତେ ?

(a) 40 (b) 60

(c) 49 (d) 59

16. ଏକ A.P. ରେ $t_7$ = 34, $t_{13}$ = 64 ହେଲେ, $t_{20}$ କେତେ ?

(a) 79 (b) 89

(c) 99 (d) 109

17. ଗୋଟିଏ A.P. ରେ $t_5 : t_3 = 5 : 2$ ହେଲେ $t_{15} : t_7$ = ?

(a) 10 : 2 (b) 2 : 5

(c) 15 : 7 (d) 5 : 2

18. ଏକ ତ୍ରିଭୁଜର କୋଣମାନଙ୍କର ପରିମାଣ A.P. ରେ ଥିଲେ, ସଦା ଏହାର ଏକ କୋଣର ପରିମାଣ କେତେ ?

(a) $30^0$ (b) $90^0$

(c) $120^0$ (d) $60^0$

19. 20 ଓ 80 ମଧ୍ୟରେ ଥିବା 2 ଟି ସମାନ୍ତର ମଧ୍ୟକର ଯୋଗଫଳ କେତେ ?

(a) 100 (b) 200

(c) 40 (d) 60

20. 15 ରୁ $30^{85}$ ପର୍ଯ୍ୟନ୍ତ ସମସ୍ତ ଗଣନ ସଂଖ୍ୟାର ସମଷ୍ଟି କେତେ ?

(a) 7100 (b) 3550

(c) 7000 (d) 3500

21. x ଓ 32 ର ସମାନ୍ତର ମଧ୍ୟକଟି -16 ହେଲେ x ର ମାନ କେତେ ?

(a) 32 (b) - 32

(c) 64 (d) - 64

22 -5, -1, 3, 7, ... ଅନୁକ୍ରମରେ $t_7$ କେତେ ?

(a) 18 (b) 21

(c) 19 (d) 17

23. 5, x, 13, ... ଏକ A.P. ହେଲେ, x = ?

(a) 4 (b) 9

(c) 8 (d) 17

24. ଗୋଟିଏ A.P. ର ଦ୍ୱିତୀୟ ପଦ 13 ଓ ପଞ୍ଚମ ପଦ 25 ହେଲେ ସପ୍ତମ ପଦ କେତେ ?

(a) 30 (b) 33

(c) 37 (d) 38

25. ଯଦି ଗୋଟିଏ A.P. ର ତୃତୀୟ ପଦର ତିନିଗୁଣ, ପଞ୍ଚମ ପଦର ପାଞ୍ଚଗୁଣ ସହିତ ସମାନ ହୁଏ, ତେବେ ଅଷ୍ଟମ ପଦଟି କେତେ ?

(a) 0 (b) 1

(c) 2 (d) 3

26. ଯଦି ପ୍ରଥମ n ଟି ଯୁଗ୍ମ ଗୁଣନ ସଂଖ୍ୟାର ଯୋଗଫଳ, ପ୍ରଥମ n ଟି ଅଯୁଗ୍ମ ଗଣନ ସଂଖ୍ୟାର ଯୋଗଫଳର k ଗୁଣ ହୁଏ, ତେବେ କେତେ k ?

(a) $\frac{1}{n}$ (b) $\frac{n-1}{n}$

(c) $\frac{n+1}{2n}$ (d) $\frac{n+1}{n}$

27. $\sqrt{2}+\sqrt{3}+\sqrt{18}+\sqrt{32}+...$ ଅନୁକ୍ରମଟିର $S_n$= ?

(a) 1 (b) $\frac{n(n+1)}{v2}$

(c) $\frac{n(n+1)}{2}$ (d) $2n(n+1)$

28. ଗୋଟିଏ ସମାନ୍ତର ପ୍ରଗତିର $t_n = 3+4n$ ହେଲେ ଏହାର ସାଧାରଣ ଅନ୍ତରଟି କେତେ ?

(a) 7 (b) 3

(c) 4 (d) 1

29. ଯଦି p, q, r, s A.P. ରେ ରହନ୍ତି ତେବେ p-q = ?

(a) r - s (b) s - p

(c) s - q (d) r - q

30. 5, 2, -1, -4, -7, ... ସମାନ୍ତର ପ୍ରଗତିର $t_n$ କେତେ ?

(a) 2n + 5 (b) 2n - 5

(c) 8 - 3n (d) 3n - 8

31. -5, -10, -15, ..., -1000 ସମାନ୍ତର ପ୍ରଗତିର ଶେଷରୁ 13 ତମ ପଦଟି କେତେ ?

(a) - 945 (b) - 955

(c) - 950 (d) - 965

32. ଗୋଟିଏ A.P. ର $t_n = 3_{n+4}$ ହେଲେ ଏହାର ପ୍ରଥମରୁ 12 ଟି ପଦର ଯୋଗଫଳ କେତେ ?

(a) 262 (b) 272

(c) 292 (d) 282

33. ଯଦି ଗୋଟିଏ A.P. ର $t_{p+q}$ = m ଏବଂ $t_{p-q}$ = n ହୁଏ, ତେବେ $t_p$ = ?

(a) mn (b) $\sqrt{mn}$

(c) $\frac{1}{2}(m-n)$ (d) $\frac{1}{2}(m+n)$

34. ଯଦି a, b, c, d, e A.P. ରେ ଥାଆନ୍ତି, ତେବେ a - 4b + 6c - 4d + e ର ମୂଲ୍ୟ କେତେ ?

(a) 0 (b) 1

(c) - 1 (d) 2

35. ଗୋଟିଏ ସମାନ୍ତର ପ୍ରଗତି 4, 9, 14, ..., 254 ର ଶେଷଆଡୁ 10 ତମ ପଦଟି କେତେ ?

(a) 209 (b) 205

(c) 214 (d) 213

36. ଯଦି 2x, x+10, 3x+2 A.P. ରେ ରୁହନ୍ତି ତେବେ $x^2$ ର ମାନ କେତେ ?

(a) 0 (b) 2

(c) 4 (d) 6

37. 2 ଓ 100 ମଧ୍ୟରେ ଥିବା ସମସ୍ତ ଅଯୁଗ୍ମ ସଂଖ୍ୟାମାନଙ୍କର ସମଷ୍ଟିକୁ 3 ଦ୍ୱାରା ଭାଗକଲେ ଭାଗଫଳ କେତେ ହେବ ?

(a) 388 (b) 833

(c) 338 (d) 383

38. ଯଦି ଗୋଟିଏ A.P. ର p ତମ ପଦ $\frac{3p-1}{6}$ ତେବେ $S_n$ କେତେ ?

(a) $\frac{n}{12}(3n+1)$ (b) $\frac{n}{12}(3n-1)$

(c) $\frac{n}{6}(3n-1)$ (d) $\frac{n}{6}(3n+1)$

39. ଯଦି କୌଣସି ଅନୁକ୍ରମର $S_n = n^2$, ତେବେ ସେହି ଅନୁକ୍ରମର $t_{15}$ କେତେ ?

(a) 30 (b) 28

(c) 10 (d) 29

40. ଯଦି କୌଣସି ଅନୁକ୍ରମରେ $t_n = 3n + 2$, ତେବେ $S_{11}$ କେତେ ?

(a) 222 (b) 220

(c) 420 (d) 322

41. ଏକ ଅନୁକ୍ରମର $t_n = 3n-2$, ତାହାର $S_n$ କେତେ ?

(a) $\frac{3n^2+n}{2}$ (b) $3n^2+2$

(c) $\frac{3n^2-n}{2}$ (d) $3n^2-2$

42. ଗୋଟିଏ A.P. ରେ $t_{10} = t_6 + 16$, ଏହାର ସାଧାରଣ ଅନ୍ତର କେତେ ?

(a) 1 (b) 2

(c) 3 (d) 4

43. a ଓ b ମଧ୍ୟରେ $x_1, x_2, x_3, ..., x_n$ n ସଂଖ୍ୟକ A.M. ଅଟନ୍ତି, ତେବେ $a, x_1, x_2, ..., x_3, b$ ସମାନ୍ତର ପ୍ରଗତିର ସାଧାରଣ ଅନ୍ତର କେତେ ?

(a) $\frac{a-b}{n}$ (b) $\frac{b-a}{n}$

(c) $\frac{b-a}{n-1}$ (d) $\frac{b-a}{n+1}$

44. ଗୋଟିଏ ନିୟମକୁ ଭିତ୍ତି କରି ନିର୍ଦ୍ଦିଷ୍ଟ କ୍ରମରେ ଥିବା ସଂଖ୍ୟା ସମୂହକୁ କ'ଣ କୁହାଯାଏ ?

(a) ପ୍ରଗତି (b) ଶ୍ରେଣୀ

(c) ଅନୁକ୍ରମ (d) ସାଧାରଣ ଅନ୍ତର

45. ନିର୍ଦ୍ଦିଷ୍ଟ ନିୟମକୁ ନେଇ କ୍ରମରେ ଥିବା ସଂଖ୍ୟାସମୂହକୁ କ'ଣ କୁହାଯାଏ ?

(a) ଶ୍ରେଣୀ (b) ପ୍ରଗତି

(c) ପଦ (d) ଅନୁକ୍ରମ

46. ଯଦି a, b, c A.P. ରେ ରୁହନ୍ତି, ତାହାହେଲା କେଉଁଟି ଠିକ୍ ?

(a) $b = a + c$ (b) $2b = a + c$

(c) $b^2 = a + c$ (d) $2b^2 = a + c$

47. ଏକ ସମାନ୍ତର ପ୍ରଗତି ଉପରେ କେଉଁ କ୍ରିୟା ସମ୍ପାଦନ ପରେ, ଲବ୍ଧ ଅନୁକ୍ରମ ସମାନ୍ତର ପ୍ରଗତି ରହିବ ନାହିଁ ?

(a) ପ୍ରତ୍ୟେକ ପଦରେ ସମାନ ସଂଖ୍ୟା ଯୋଗ କଲେ

(b) ପ୍ରତ୍ୟେକ ପଦରୁ ସମାନ ସଂଖ୍ୟା ବିୟୋଗ କଲେ

(c) ପ୍ରତ୍ୟେକ ପଦକୁ ଶୂନ ବ୍ୟତୀତ ସମାନ ସଂଖ୍ୟା ଦ୍ୱାରା ଗୁଣନ କଲେ

(d) ପ୍ରତ୍ୟେକ ପଦକୁ ଯେ କୌଣସି ସମାନ ସଂଖ୍ୟା ଦ୍ୱାରା ଭାଗ କଲେ

48. ଦୁଇଅଙ୍କ ବିଶିଷ୍ଟ ସମସ୍ତ ଅଯୁଗ୍ମ ସଂଖ୍ୟାର ସମଷ୍ଟି କେତେ ?

(a) 2575 (b) 2475

(c) 2524 (d) 2425

49. $\frac{1}{1+\sqrt{x}}, \frac{1}{1-x}, \frac{1}{1-\sqrt{x}}, ... (x \neq 1)$ ଗୋଟିଏ A.P. ର ରହିଲେ, ପରବର୍ତ୍ତୀ ପଦଟି କେତେ ?

(a) $1+2\sqrt{x}$ (b) $1-2\sqrt{x}$

(c) $\frac{1-2\sqrt{x}}{1-x}$ (d) $\frac{1+2\sqrt{x}}{1-x}$

50. ______, 13, ______, 3 A.P. ରେ ଅବ୍ୟକ୍ତ ପଦଗୁଡ଼ିକ କ୍ରମରେ କେତେ ?

(a) 11, 9 (b) 17, 9

(c) 18, 8 (d) 18, 9

51. 3, 8, 13, 18, ... A.P. ର କେଉଁ ପଦଟି 78 ?

(a) 12 ତମ (b) 13 ତମ

(c) 15 ତମ (d) 16 ତମ

52. 7 ଓ 27 ମଧ୍ୟରେ ଥିବା ତିନୋଟି ସମାନ୍ତର ମଧ୍ୟକ ମଧ୍ୟରୁ ତୃତୀୟଟି କେତେ ?

(a) 19 (b) 20

(c) 21 (d) 22

53. 3, 6, 9, 12, ..., 111 ଅନୁକ୍ରମରେ ପଦସଂଖ୍ୟା କେତେ ?

(a) 31 (b) 35

(c) 37 (d) 39

54. ଏକ A.P. ରେ $t_n = 4n + 5$ ହେଲେ ଏହାର ସାଧାରଣ ଅନ୍ତର କେତେ ହେବ ?

(a) 1 (b) 2

(c) 3 (d) 4

55. ଏକ A.P. ରେ $t_n = 5n - 48$ ହେଲେ, ଏହାର କେତୋଟି ପଦ ଋଣାତ୍ମକ ?

(a) 6 (b) 9

(c) 12 (d) 15

56. ଏକ A.P. ରେ $S_{43} = 430$ ହେଲେ, ଏହାର $t_{22}$ କେତେ ହେବ ?

(a) 7 (b) 10

(c) 9 (d) 8

57. ଦୁଇଟି ରାଶି ମଧ୍ୟରେ 2ଟି A.M. -10, -7 ହେଲେ ପ୍ରଥମ ପଦଟି କେତେ ?

(a) -14 (b) -13

(c) -12 (d) -11

58. 7 ଓ 9 ମଧ୍ୟରେ ଦୁଇଟି ସମାନ୍ତର ମଧ୍ୟକ ଅଛି । ସେମାନଙ୍କର ଯୋଗଫଳ କେତେ ?

(a) 28 (b) 27

(c) 26 (d) 25

59. 2, 3, 4, 5, ... ଅନୁକ୍ରମରେ $S_n$ କେତେ ?

(a) $\frac{n(n+3)}{2}$ (b) $\frac{n(n+2)}{2}$

(c) $\frac{n(n+5)}{2}$ (d) $\frac{n(n+7)}{2}$

60. 15 କୁ ଏପରି ତିନି ଭାଗରେ ବିଭକ୍ତ କରାଯାଇଛି ଯେପରିକି ସେମାନେ A.P. ରେ ରହିବେ । A.P. ର ମଧ୍ୟ ପଦଟି କେତେ ?

(a) 8 (b) 7

(c) 6 (d) 5

61. ଗୋଟିଏ A.P. ରେ $t_9$, $t_4$ ଠାରୁ ଅଧିକ ହେଲେ ସାଧାରଣ ଅନ୍ତର କେତେ ?

(a) 1 (b) 2

(c) 3 (d) 4

## ANSWER KEYS

| | | | | | | | |
|---|---|---|---|---|---|---|---|
| 1. | (a) | 17. | (d) | 33. | (d) | 49. | (d) |
| 2. | (b) | 18. | (d) | 34. | (a) | 50. | (c) |
| 3. | (c) | 19. | (a) | 35. | (a) | 51. | (d) |
| 4. | (b) | 20. | (b) | 36. | (d) | 52. | (d) |
| 5. | (c) | 21. | (d) | 37. | (b) | 53. | (c) |
| 6. | (c) | 22. | (c) | 38. | (a) | 54. | (d) |
| 7. | (c) | 23. | (b) | 39. | (d) | 55. | (b) |
| 8. | (b) | 24. | (b) | 40. | (b) | 56. | (b) |
| 9. | (a) | 25. | (a) | 41. | (c) | 57. | (b) |
| 10. | (b) | 26. | (d) | 42. | (d) | 58. | (c) |
| 11. | (d) | 27. | (b) | 43. | (d) | 59. | (a) |
| 12. | (a) | 28. | (c) | 44. | (c) | 60. | (d) |
| 13. | (d) | 29. | (a) | 45. | (b) | 61. | (c) |
| 14. | (a) | 30. | (c) | 46. | (b) | | |
| 15. | (d) | 31. | (b) | 47. | (d) | | |
| 16. | (c) | 32. | (d) | 48. | (b) | | |

## (B) ଦୀର୍ଘ ପ୍ରଶ୍ନାବଳୀ ସଂକ୍ଷିପ୍ତ ଉତ୍ତର ସହିତ (ନମ୍ବର 5 ସମ୍ବଳିତ)

1. a) ଏକ ସମାନ୍ତର ଅନୁକ୍ରମରେ ଅବସ୍ଥିତ ତିନୋଟି ପଦର ଯୋଗଫଳ 21 ଏବଂ ସେମାନଙ୍କର ବର୍ଗର ଯୋଗଫଳ 155, ପଦଗୁଡ଼ିକ ନିର୍ଣ୍ଣୟ କର।

**ଉତ୍ତର** ମନେକର ତିନୋଟି ପଦ ଯଥାକ୍ରମେ

a - d, a, a + d

ପ୍ରଶ୍ନାନୁସାରେ

$a - d + a + a + d = 21$ (1)

ଓ $(a - d)^2 + a^2 + (a + d)^2 = 155$ (2)

(1) ରୁ $a = 7$

(2) ରୁ $d = \pm 2$

$\Rightarrow$ ପଦ ତିନୋଟି 7 - 2, 7, 7 + 2 ବା 5, 7, 9

କିମ୍ବା

7 + 2, 7, 7 - 2 ବା 9, 7, 5

b) ଦର୍ଶାଅ ଯେ, ଗୋଟିଏ A.P. ରେ $t_{m+n} + t_{m-n} = 2t_{mn}$

**ଉତ୍ତର** ଯଦି a ପ୍ରଥମ ପଦ ଓ d ସାଧାରଣ ଅନ୍ତର ହୁଏ

$t_{m+n} = a + (m + n - 1)d$

$t_{m-n} = a + (m - n - 1)d$

$\Rightarrow t_{m+n} + t_{m-n} = 2a + 2)m - 2)d$

$= 2t_m$

